


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୨୮୩ ● ୧୨ ନଭେମ୍ବର ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-283 ● 12th November 2024, Tuesday ● Bhubaneswar | Licensed to post without pre-payment of postage No- BN-60/25-27


# ଷଢେଇକଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ବାଚନ ପ୍ରଚାର

ରାଞ୍ଚି, ୧୧।୧୧

ଝାଡ଼ଖଣ୍ଡର ଷଢେଇକଳାରେ ସୋମବାର ନିର୍ବାଚନ ପ୍ରଚାରରେ ସାମିଲ ହୋଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ଚାଲିଥିବା ଜେଏମ୍ଏମର ହେମନ୍ତ ସୋରେନ ଓ କଂଗ୍ରେସ ମେଣ୍ଟ ସରକାର ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୁବ୍ ବର୍ଷିଛନ୍ତି ଆଉ ଚମ୍ପାଇ ସୋରେନଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଜେଏମ୍ଏମ ସରକାରର ଏକ୍ସପାଏରୀ ତାରିଖ ଓ ନୂଆ ସରକାର ଗଠନ ତାରିଖ ମଧ୍ୟ ଶ୍ରୀ ମାଝୀ ଘୋଷଣା କରିଛନ୍ତି।

ଷଢ଼େଇକଳା ନିର୍ବାଚନ ମଣ୍ଡଳୀର ରାଜନଗର ଫୁଟ୍‌ବଲ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ୧୨ ଦିନ ପରେ ଝାଡ଼ଖଣ୍ଡରେ ଚାଲିଥିବା ଦୁର୍ନୀତିଗ୍ରସ୍ତ ସରକାରକୁ ଟାଏ ଟାଏ ବାଏ ବାଏ କହି ବିଦାୟ ଦେବା। ଆଉ ଏଠାରେ ନୂଆ ସରକାର ଗଠନ କରିବା। ନଭେମ୍ବର ୨୩ ତାରିଖରେ ଝାଡ଼ଖଣ୍ଡରେ ନୂଆ ସକାଳ ଆସିବ। ନୂଆ ସରକାର ଗଠନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଠାକାର ବିଧାୟକ ପ୍ରାର୍ଥୀ ଚମ୍ପାଇ ସୋରେନଙ୍କ ବଡ଼ ଭୂମିକା ଦେଖିବେ। ତେଣୁ ଚମ୍ପାଇଙ୍କୁ ବଡ଼ ବ୍ୟବଧାନରେ ବିଜୟୀ କରାଇ ଝାଡ଼ଖଣ୍ଡ ବିଧାନସଭାକୁ ପଠାଇବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିବେଦନ କରିଛନ୍ତି।



ସେ କହିଛନ୍ତି, ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡକୁ ଭାରତର ୩ ଭଉଣୀ ବୋଲି କୁହାଯାଏ। କାରଣ ପୂର୍ବ ଭାରତର ଏହି ୩ଟି ରାଜ୍ୟ ବିନା ଦେଶର ପ୍ରଗତି କରିହେବ ନାହିଁ। ଭାରତରେ ଉତ୍ପାଦିତ ହେଉଥିବା ଯେତେ ପ୍ରକାର ଖଣିଜ ଦ୍ରବ୍ୟ ରହିଛି, ସେ ସବୁ ଏହି ୩ଟି ରାଜ୍ୟରୁ ଉତ୍ପାଦନ ହେଉଛି। ହେଲେ ଛତିଶଗଡ଼ର କଂଗ୍ରେସ ସରକାର ସେହି ଖଣିଜ ସମ୍ପତ୍ତି ଲୁଟ କରୁଥିଲା। ଠିକ ସେମିତି ଓଡ଼ିଶାରେ ବିଜେଡି ସରକାର ଲମ୍ବା ସମୟ ଧରି ରହି ଖଣିଜ ସମ୍ପତ୍ତି ଲୁଟ କରୁଥିଲା। ହେଲେ ସାଧାରଣ ନିର୍ବାଚନରେ ଓଡ଼ିଶାର ଲୋକ ମନ ବଦଳାଇଲେ, ଆଉ ବିଜେଡି ସରକାରକୁ ହଟାଇ ଦେଲେ। ମହାପ୍ରଭୁଙ୍କ ଆଶୀର୍ବାଦରେ ଓଡ଼ିଶାରେ ଏବେ ବିଜେପି ସରକାର ଚାଲିଛି। ନୂଆ ସରକାର ଆସିବା ପରେ ୧୦୦ ଦିନ ଭିତରେ ସଂକଳ୍ପପତ୍ରରେ ଦିଆଯାଇଥିବା ସବୁ ପ୍ରତିଶ୍ରୁତି ପୂରଣ କରିଛୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଝାଡ଼ଖଣ୍ଡରେ ଏକ ପରିବାରବାଦ ଦୁର୍ନୀତିଗ୍ରସ୍ତ ସରକାର ଚାଲିଛି। ଏ ସରକାରକୁ ହଟାଇବା ଏହି ପ୍ରକ୍ରିୟା ଷଢ଼େଇକଳାରୁ ଆରମ୍ଭ ହେବ। ଆଉ ଚମ୍ପାଇ ସୋରେନ୍‌ଙ୍କୁ ବହୁ ମତରେ ବିଜୟୀ କରାଇ ବିଧାନସଭା ପଠାଇବା। ଝାଡ଼ଖଣ୍ଡ ରାଜନୀତିରେ ଚମ୍ପାଇ ସୋରେନଙ୍କ ଯୋଗଦାନ ବହୁତ ରହିଛି। ଝାଡ଼ଖଣ୍ଡ ଗଠନରେ ତାଙ୍କର ବହୁତ ବଡ଼ ଭୂମିକା ରହିଛି। ଏ ସମ୍ପର୍କରେ (ପୃଷ୍ଠା ୭ରେ)

## ସବୁ ବିଭାଗକୁ ଚିଠି ଲେଖିଲେ ମୁଖ୍ୟ ଶାସନ ସଚିବ

# ବଦଳି, ପୋଷ୍ଟିଂ ପାଇଁ ଚାପ ପକାଇଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୧।୧୧

ନ୍ୟୁଜ୍ ବ୍ୟୁରୋ

ନେତା-ମନ୍ତ୍ରୀଙ୍କ ଲିଖିତ ସୁପାରିଶ ଆଣି ନିଜର ବଦଳି ଓ ପଦୋନ୍ନତି ପାଇଁ ଚାପ ପକାଇବା ଏଣିକି ମହଙ୍ଗା ପଡ଼ିବ । ଏପରି କଲେ ସରକାରୀ କର୍ମଚାରୀଙ୍କ ବିରୋଧରେ ନିଆଯିବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ।

ଏଣିକି ଆଉ ଚଳିବନି ବଦଳି ଏବଂ ପୋଷ୍ଟିଂ ପାଇଁ ଚାପ ପକାଉଥିବା କର୍ମଚାରୀଙ୍କ ହାକିମାତି । ବଦଳି ପାଇଁ ଚାପ ପକାଇଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ଏନେଇ ସବୁ ବିଭାଗର ସଚିବମାନଙ୍କୁ ଚିଠି ଲେଖି ଜଣାଇଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା।

ମୁଖ୍ୟ ଶାସନ ସଚିବ ସୋମବାର ସମସ୍ତ ବିଭାଗୀୟ ସଚିବ ଓ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ବଦଳି ଓ ନିଯୁକ୍ତି ପାଇଁ ପକାଯାଉଥିବା ଅଯଥା ପ୍ରଭାବ ଓ ଚାପ ଉପରେ କଟକଣା ଜାରି କରିଛନ୍ତି । ଏହା ସହିତ ଏହି ଗାଇଡଲାଇନର ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସଚିବ ଓ ଜିଲ୍ଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ତାଙ୍କ ଚିଠିରେ ଲେଖିଛନ୍ତି, କିଛି ସରକାରୀ କର୍ମଚାରୀ ନିଜର ବଦଳି କିମ୍ବା ନିଯୁକ୍ତି ପାଇଁ ବାହ୍ୟ ଚାପ ପକାଇବାକୁ ପ୍ରୟାସ କରୁଛନ୍ତି। ଏଭଳି ଅଭ୍ୟାସ ଓଡ଼ିଶା ଗଭର୍ଣ୍ଣମେଣ୍ଟ ସର୍ଭ୍ୟାଣ୍ଟ କଣ୍ଡକ୍ଟ ରୁଲସ୍-୧୯୫୯ର ରୁଲ-୨୩ର ସିଧାସଳଖ ଉଲ୍ଲଂଘନ କରୁଛି।





ସରକାରୀ କର୍ମଚାରୀମାନେ ନିଜର ଆଚରଣରେ ଉଚ୍ଚମାନର ନିଷ୍ଠା ବଜାୟ ରଖିବା ସହ ସମସ୍ତ ସେବା ପ୍ରସଙ୍ଗରେ ସ୍ୱଚ୍ଛତା ଓ ପାରଦର୍ଶିତାର ନୀତି ଅବଲମ୍ବନ କରିବା ଆବଶ୍ୟକ। ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଚଳିତ ନୀତି ଆଧାରରେ ସ୍ୱାଭାବିକ ଭାବେ (ପୃଷ୍ଠା ୭ରେ)

## ମହିଳା କର୍ମଚାରୀଙ୍କ ପାଇଁ ଅତିରିକ୍ତ ଛୁଟି ନେଇ ବିଜ୍ଞପ୍ତି

ଭୁବନେଶ୍ୱର, ୧୧।୧୧

ନ୍ୟୁଜ୍ ବ୍ୟୁରୋ

ମହିଳା ସରକାରୀ କର୍ମଚାରୀଙ୍କୁ ଋତୁସ୍ରାବ ପାଇଁ ବାର୍ଷିକ ୧୨ ଦିନର ଅତିରିକ୍ତ ଛୁଟି ମଞ୍ଜୁର କରାଯାଇଛି। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଗୋଟିଏ ମାସର ଛୁଟି ପରବର୍ତ୍ତୀ ମାସକୁ ସ୍ଥାନାନ୍ତରିତ କରାଯାଇପାରିବ ନାହିଁ ବୋଲି ଏଥିରେ କୁହାଯାଇଛି।

ଏବେ ମହିଳା ସରକାରୀ କର୍ମଚାରୀଙ୍କୁ ମିଳିବ ବାର୍ଷିକ ୧୨ ଦିନର ଅତିରିକ୍ତ ଛୁଟି। ସମସ୍ତ ସରକାରୀ ମହିଳା କର୍ମଚାରୀ ୫୫ ବର୍ଷ ବୟସ ପୂରଣ ହେବା ପର୍ଯ୍ୟନ୍ତ ବାର୍ଷିକ ୧୨ ଦିନର ଏହି ଋତୁସ୍ରାବ ଜନିତ ଅତିରିକ୍ତ ଛୁଟି ନେଇପାରିବେ। ପ୍ରତି ମାସର ଦିନଟିଏ ଋତୁସ୍ରାବ ଜନିତ ଛୁଟି ସେହି ମାସରେ ହିଁ ନେବାକୁ ପଡ଼ିବ। (ପୃଷ୍ଠା ୭ରେ)

## ସୁରକ୍ଷାକର୍ମୀଙ୍କ ଗୁଳିରେ ୧୧ କୁକି ଉଗ୍ରବାଦୀ ନିହତ



ଇମ୍ଫାଲ୍, ୧୧।୧୧

ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ଅଶାନ୍ତ ହୋଇପଡ଼ିଥିବା ମଣିପୁରରେ ସୋମବାର ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା ମିଳିଛି। ସୁରକ୍ଷାକର୍ମୀଙ୍କ ଗୁଳିରେ ୧୧ ସନ୍ଦିଗ୍ଧ କୁକି ଉଗ୍ରବାଦୀ ନିପାତ ହୋଇଛନ୍ତି। ସେମାନଙ୍କ ନିକଟରୁ ବିପୁଳ ପରିମାଣର (ପୃଷ୍ଠା ୭ରେ)

# ନୂଆ ସିଜେଆଇ ଭାବେ ଶପଥ ନେଲେ ଜଷ୍ଟିସ ସଞ୍ଜୀବ ଖାନ୍ନା

ନୂଆଦିଲ୍ଲୀ, ୧୧।୧୧

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି ଜଷ୍ଟିସ ସଞ୍ଜୀବ ଖାନ୍ନା। ସେ ୫୧ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି । ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସାମିଲ ଥିଲେ।

ଏହାପୂର୍ବରୁ ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ ଅବସର ନେଇଥିଲେ। ଜଷ୍ଟିସ ଖାନ୍ନାଙ୍କ ନାମ ଜଷ୍ଟିସ ଚନ୍ଦ୍ରଚୂଡଙ୍କ ଦ୍ୱାରା ସୁପାରିଶ କରାଯାଇଥିଲା। ନଭେମ୍ବର ୧୦ରେ ୬୫ ବର୍ଷ ବୟସରେ ଚନ୍ଦ୍ରଚୂଡ଼ ଏହି ପଦବୀରୁ ଅବସର ନେଇଥିଲେ। ଏହାପରେ ଜଷ୍ଟିସ ସଞ୍ଜୀବ ଖାନ୍ନା ସିଜେଆଇ ପଦ ସମ୍ଭାଳିଛନ୍ତି। ତେବେ ତାଙ୍କ କାର୍ଯ୍ୟକାଳ ମାତ୍ର ୬ ମାସ ରହିବ। ଆସନ୍ତା ବର୍ଷ ମେ’ ୧୩ରେ ତାଙ୍କର କାର୍ଯ୍ୟକାଳ ସରିବ।



୧୯୮୩ରେ ଦିଲ୍ଲୀ ବାର୍ କାଉନସିଲରେ ପଞ୍ଜୀକରଣ ସହ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ଜଷ୍ଟିସ ଖାନ୍ନା। ପ୍ରଥମେ ସେ ହଜାରି କମ୍ପ୍ଲେକ୍ସ ଜିଲ୍ଲାକୋର୍ଟରେ ପ୍ରାକ୍ଟିସ ଆରମ୍ଭ କରିଥିଲେ। ଏହାପରେ ହାଇକୋର୍ଟରେ ଓକିଲାତି କରିଥିଲେ। ଦିଲ୍ଲୀ ଆୟକର ବିଭାଗର ସିନିୟର ଷ୍ଟାଣ୍ଡିଂ କାଉନସେଲ ଭାବେ ସେ ୨୦୦୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସରକାରୀ ଓକିଲ ଭାବେ (ପୃଷ୍ଠା ୭ରେ)

# ଏଥର ପଞ୍ଚୁକ ଚାରିଦିନ : ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ

ପୁରୀ, ୧୧।୧୧

ନ୍ୟୁଜ୍ ବ୍ୟୁରୋ

ରାତି ପାହିଲେ ଧର୍ମ ମାସ କାର୍ତ୍ତିକର ମହାପଞ୍ଚୁକ ବ୍ରତ ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ପଞ୍ଚୁକ ପାଞ୍ଚଦିନ ପରିବର୍ତ୍ତେ ଚାରିଦିନ ପଡୁଥିବାରୁ ଏହି ସମୟରେ ଶ୍ରୀମନ୍ଦିରରେ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଲାଗିବ। ଏହାକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ, ଭକ୍ତଙ୍କ ସୁରକ୍ଷା ଏବଂ ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ପୁରୀ ଏସପି।

ମଙ୍ଗଳବାର ଦେବୋତ୍ଥାପନ ଏକାଦଶୀରେ ଚତୁର୍ଦ୍ଧାମୂର୍ତ୍ତି ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେବେ। ୧୩ ତାରିଖରେ ବାଙ୍କଚୂଡ଼ା ବେଶ, ୧୪ ତାରିଖରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୧୫ ତାରିଖ ପୂର୍ଣ୍ଣିମା ଦିନ ରାଜାଧିରାଜ ବା ସୁନାବେଶରେ ଦର୍ଶନ ଦେବେ ଚତୁର୍ଦ୍ଧା ବିଗ୍ରହ। ଚଳିତ ବର୍ଷ ତିଥିରେ କ୍ଷୟ ପଡୁଥିବାରୁ ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବ ନାହିଁ।



ମହାପ୍ରଭୁଙ୍କର ପଞ୍ଚୁକରେ ଅନୁଷ୍ଠିତ ହେବାକୁ ଥିବା ଏହି ସ୍ୱତନ୍ତ୍ର ବେଶ ଗୁଡ଼ିକୁ ଦର୍ଶନ କରିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ହବିଷ୍ୟାଳିଙ୍କ ଭିଡ଼ ଜମିବ। ସେମାନେ ମରଚିକୋଟ ଛକଠାରୁ ବ୍ୟାରିକେଡରେ ପ୍ରବେଶ କରିବା ପରେ ଲମ୍ବା ଧାଡିରେ ଆସି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବେ। ସେଠାରୁ ଦୋଳବେଦୀ କୋଣ ସମ୍ମୁଖ ବ୍ୟାରିକେଡ ଦେଇ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ସେଠାରୁ (ପୃଷ୍ଠା ୭ରେ)

## ଖୁବ୍ ଶୀଘ୍ର ନୂଆ ମହିଳା କମିଶନ

ଭୁବନେଶ୍ୱର, ୧୧।୧୧

ନ୍ୟୁଜ୍ ବ୍ୟୁରୋ

ଖୁବ୍ ଶୀଘ୍ର ରାଜ୍ୟ ନୂଆ ମହିଳା କମିଶନ ଦେଖିବ । ଏହା କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ।

ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତୀ ବେହେରା ହଟିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ମହିଳା କମିଶନଙ୍କ ଭୂମିକାକୁ ନେଇ ସରକାର ନୋଟିସ କରିଥିଲେ । ଏନେଇ ତାଙ୍କୁ ସୋ-କଜ୍ ମଗାଯାଇଥିଲା, । କାଲି ତାଙ୍କୁ ନିବୃତ କରାଯାଇଛି । ଖୁବ ଶୀଘ୍ର ରାଜ୍ୟରେ ନୂଆ ମହିଳା କମିଶନ ଦେଖିବ।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ରାମ ମନ୍ଦିର ଉପରେ ଆକ୍ରମଣ କରିବାକୁ ଧମକ ଦେଲା ଖଲିସ୍ତାନୀ ଆତଙ୍କବାଦୀ ଗୁରୁପନ୍ତ ସିଂ ପନ୍ନୁ



ନୂଆଦିଲ୍ଲୀ, ୧୧।୧୧

ଖଲିସ୍ତାନୀ ଆତଙ୍କବାଦୀ ଗୁରୁପନ୍ତ ସିଂ ପନ୍ନୁ ଅଯୋଧ୍ୟାରେ ରାମ ମନ୍ଦିର ସମେତ ହିନ୍ଦୁ ମନ୍ଦିରକୁ ଟାର୍ଗେଟ କରି ଆକ୍ରମଣ କରିବାକୁ ଧମକ ଦେଇଛି। ଏକ ଭିଡିଓରେ ପନ୍ନୁ ନଭେମ୍ବର ୧୬ ଏବଂ ୧୭ ରେ ଆକ୍ରମଣ କରିବାକୁ ଚେତାବନୀ ଦେଇଛି। ହିନ୍ଦୁ ମନ୍ଦିରଗୁଡ଼ିକୁ କ୍ଷତିଗ୍ରସ୍ତ କରିବାକୁ ଏହି ଧମକ ଦିଆଯାଇଛି।

ଏହି ଭିଡିଓରେ ପନ୍ନୁ କହିଛି, ଆମେ ଅଯୋଧ୍ୟାର ମୂଳଦୁଆ ଦୋହଲାଇଦେବୁ, ଯାହା ଉଗ୍ର ହିନ୍ଦୁବାଦୀ ବିଚାରଧାରାର ଉତ୍ପତ୍ତିସ୍ଥଳ। ଚଳିତବର୍ଷ ଜାନୁଆରୀ ମାସରେ ହୋଇଥିବା ଉଦଘାଟନ ସମୟର (ପୃଷ୍ଠା ୭ରେ)

# ବର୍ଷ ସାରା ବାଣ ବ୍ୟାନ କରିବାକୁ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୧୧

ଦୀପାବଳି ପରେ ଅଣନିଶ୍ୱାସୀ ହୋଇପଡ଼ିଛି ଦିଲ୍ଲୀ। ବାୟୁର ମାନ ଅତି ନିମ୍ନ ସ୍ତରକୁ ଚାଲିଯିବା ଚିନ୍ତାର ବିଷୟ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ସହରରେ ବାଣ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଦିଲ୍ଲୀ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ବାଣ ବିକ୍ରି ଓ ବିସ୍ଫୋରଣ ବନ୍ଦ କରିବା ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ।

ଦିଲ୍ଲୀର ବାୟୁ ପ୍ରଦୂଷଣ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟରେ ଜଷ୍ଟିସ ଅଭୟ ଏସ ଓକା ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ବାଣ ବିକ୍ରି ରୋକିବାରେ ଅପାରଗତା କାରଣରୁ ଦିଲ୍ଲୀ ପୁଲିସକୁ ଭର୍ତ୍ସନା କରିଛନ୍ତି । କୋର୍ଟ କହିଛନ୍ତି, ‘କୌଣସି ଧର୍ମ ପ୍ରଦୂଷଣ ସୃଷ୍ଟିକାରୀ କୌଣସି କାର୍ଯ୍ୟକୁ ପ୍ରୋତ୍ସାହିତ କରେ ନାହିଁ, ଯଦି ଏହିଭଳି ବାଣ ଫୁଟାଯାଏ, ଏହା ନାଗରିକଙ୍କ ସ୍ୱାସ୍ଥ୍ୟଗତ ମୌଳିକ ଅଧିକାରକୁ ମଧ୍ୟ ପ୍ରଭାବିତ କରୁଛି’।



ବାଣରେ ଥିବା ରାସାୟନିକ ଅବଶିଷ୍ଟାଂଶ ବିଷାକ୍ତ ଧୂଆଁରେ (ପୃଷ୍ଠା ୭ରେ)

## ଓଡ଼ିଶାରେ ଅଗ୍ନିଶମ ଆଧୁନିକୀକରଣ ପାଇଁ ୨୦୧ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର ସରକାର

ଭୁବନେଶ୍ୱର, ୧୧।୧୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଅଗ୍ନିଶମ ବାହିନୀକୁ ଆହୁରି ସଶକ୍ତ କରିବାକୁ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଓଡ଼ିଶା ସହ ୩ଟି ରାଜ୍ୟ ପାଇଁ ମୋଟ ୭୨୫.୬୨ କୋଟି ମଞ୍ଜୁର କରିଛନ୍ତି। ଓଡିଶା ପାଇଁ ୨୦୧ କୋଟି ଟଙ୍କା, ଛତିଶଗଡ଼ ପାଇଁ ୧୪୭.୭୬ କୋଟି, ପଶ୍ଚିମବଙ୍ଗ ପାଇଁ ୩୭୬ କୋଟି ମଞ୍ଜୁରୀ କରାଯାଇଛି। ଏହି ଟଙ୍କା ଅଗ୍ନିଶମ ବାହିନୀର ଆଧୁନିକୀକରଣ ଓ ସଂପ୍ରସାରଣ କ୍ଷେତ୍ରରେ ଖର୍ଚ୍ଚ ହେବ।

## ଏକାଳ ପକ୍ଷାଳ



କାର୍ତ୍ତିକ ମାସ ପଞ୍ଚୁକ ଚାଲିଛି
ଜନେ ଏ ପବିତ୍ର ମାସ
ପ୍ରଭୁଙ୍କ ନିକଟେ ସମର୍ପି ନିଜକୁ
ପାପ କର ସର୍ବନାଶ
କଳିଯୁଗେ କରି ବାସ
ଧର୍ମକର୍ମ ନକରିବ ଯଦି
ନାଶ ଯିବ ସବୁ ଯଶ।

# ବଦଳୁଛି ପାଗ, ୧୫ରୁ ବଢ଼ିବ ଶୀତ !



ଭୁବନେଶ୍ୱର, ୧୧।୧୧

ନ୍ୟୁଜ୍ ବ୍ୟୁରୋ

ବଦଳୁଛି ପାଗ। ୧୫ ତାରିଖ ଅର୍ଥାତ କାର୍ତ୍ତିକ ପୂର୍ଣ୍ଣିମାଠାରୁ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବାର ସମ୍ଭାବନା ରହିଛି । ରାତିର ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ କାର୍ତ୍ତିକ ମାସର ସୋମବାର ହେଉଛି ଶେଷ ସୋମବାର। ରାଜ୍ୟକୁ ଶୀତ ଋତୁ ଆସିନି । କିନ୍ତୁ ଶୀତର ପ୍ରକୋପ ଆରମ୍ଭ ହେଲାଣି । ବିଳମ୍ବିତ ରାତିରେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସାମାନ୍ୟ କୁହୁଡି ଦେଖିବାକୁ ମିଳୁଥିବା ବେଳେ ଶୀତ ଅନୁଭୂତ ହେଉଛି। ଭୋରୁ ଭୋରୁ ପ୍ରବଳ ଶୀତ ଅନୁଭୂତ ହେଉଛି। ଆସନ୍ତା ୧୫ ତାରିଖରେ କାର୍ତ୍ତିକ ପୂର୍ଣ୍ଣମା ପଡୁଛି । ତାପରଠାରୁ ଶୀତର ପ୍ରକୋପ ବଢ଼ିବ ବୋଲି ଅନୁମାନ କରାଯାଉଛି।

ଅନ୍ୟପକ୍ଷରେ ଉପକୂଳ ଓଡ଼ିଶା ସହ କିଛି ଜାଗାରେ ହାଲୁକା ବର୍ଷା ହେବାର ସମ୍ଭାବନାର ସମ୍ଭାବନା ରହିଛି। ଉପକୂଳ ଓ ମୟୂରଭଞ୍ଜ, କେନ୍ଦୁଝରରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ମଙ୍ଗଳବାର ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ାରେ ହାଲୁକା ବର୍ଷା ହେବା ନେଇ ଆଶଙ୍କା କରିଛି ଭୁବନେଶଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

# ଇରାନ ଆକ୍ରମଣ ଭୟ ବଙ୍କରରେ ଲୁଚିଛନ୍ତି ନେତାନ୍ୟାହୁ

ଜେରୁଜେଲମ, ୧୧।୧୧

ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଇରାନର ଆକ୍ରମଣକୁ ଭୟ କରୁଛନ୍ତି। ଇସ୍ରାଏଲ ମିଡିଆ ରିପୋର୍ଟରେ କୁହାଯାଇଛି ଯେ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନେତାନ୍ୟାହୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ତଳ ମହଲାର ଏକ ଶକ୍ତିଶାଳୀ ବେସମେଣ୍ଟ ବଙ୍କରରେ ଅଧିକାଂଶ ସମୟ କାମ କରୁଛନ୍ତି।

ଗତ ମାସରେ ସିଜେରିୟାରେ ଥିବା ତାଙ୍କ ବ୍ୟକ୍ତିଗତ ବାସଭବନରେ ହିଜବୁଲ୍ଲା ଡ୍ରୋନ ଆକ୍ରମଣ ପରେ ତାଙ୍କୁ ଏହି ସୁରକ୍ଷିତ ବେସମେଣ୍ଟ ବ୍ୟବହାର କରିବାକୁ କୁହାଯାଇଛି



ଏହା ସହିତ କେତେକ ସ୍ଥାନକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। (ପୃଷ୍ଠା ୭ରେ)

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୨ ନଭେମ୍ବର, ମଙ୍ଗଳବାର, ୨୦୨୪





# ଖମନଖୋଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ନାହିଁ : ରୋଗୀ ହଟହଟା

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଖମନଖୋଲ ପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗାଇଦେବାକୁ ଦାବି କରିଛନ୍ତି ଅଞ୍ଚଳବାସୀ। ବାଲିଗୁଡ଼ା ବ୍ଲକ ତଥା କନ୍ଧମାଳ ଜିଲ୍ଲାର ସୀମାନ୍ତ ପଞ୍ଚାୟତ ହେଉଛି ଖମନଖୋଲ ଓ ଲଣ୍ଡାଗାଁ। ଖମନଖୋଲ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ଟି ପଞ୍ଚାୟତ ବାସୀ ସହ ସୀମାନ୍ତ ଜିଲ୍ଲାର ଗ୍ରାମବାସୀ ନିର୍ଭର କରିଥାନ୍ତି। କିନ୍ତୁ ଏହି ଚିକିତ୍ସାଳୟରୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ କିମ୍ବା ବାରଖମା ଗୋଷ୍ଠୀ ଚିକିତ୍ସାଳୟକୁ ଆସିବାକୁ କୌଣସି ସୁବିଧା ନାହିଁ। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରୁ ବାଲିଗୁଡ଼ା ଚିକିତ୍ସାଳୟକୁ ୪୦ କିମି ଓ ବାରଖମା ୩୦ କିମି ଦୂର। ଖମନଖୋଲ ଓ ଲଣ୍ଡାଗାଁ ପଞ୍ଚାୟତର ଅଧିକାଂଶ ଲୋକେ ଗରିବ ଶ୍ରେଣୀର ଅଟନ୍ତି। ଏଇ ଦୁଇ ପଞ୍ଚାୟତବାସୀ ଖମନଖୋଲ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ଯଦି ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ଆବଶ୍ୟକ ପଡେ, ତେବେ, ଅନ୍ୟତ୍ର ସ୍ଥାନାନ୍ତର କରାଯାଏ, ତେବେ ରୋଗୀଙ୍କୁ ବାଲିଗୁଡ଼ା କିମ୍ବା ବାରଖମା ଆସିବାକୁ ହେଲେ ଦୀର୍ଘ ସମୟ ଧରି ବସକୁ ଅପେକ୍ଷା କରିବା ପାଇଁ ପଡ଼ିଥାଏ। ଗ୍ରାମବାସୀ ଅଧିକ ଟଙ୍କା ଦେଇ ଗାଡ଼ି ଭଡ଼ା କରି ଆସିବାକୁ ସକ୍ଷମ ନୁହନ୍ତି। ତେଣୁ ତୁରନ୍ତ ଏହି ଚିକିତ୍ସାଳୟକୁ ଗୋଟିଏ ଆମ୍ବୁଲାନ୍ସ ଯୋଗାଇ ଦେଲେ ଦୁଇ ଗ୍ରାମବାସୀର ଶତାଧିକ ଜନସାଧାରଣ ବିଶେଷ ଉପକୃତ ହୋଇପାରିବେ। ଏହା ବ୍ୟତୀତ ଚିକିତ୍ସାଳୟରେ ଡାକ୍ତର ବାସଭବନ ଗୁଡ଼ିକ ମଧ୍ୟ ଭଗ୍ନ ଅବସ୍ଥାରେ ରହିଛି। ଚିକିତ୍ସାଳୟ ପରିସରରେ ଏଏନଏମ୍‌ଙ୍କ ବାସଭବନ ଦୀର୍ଘ ୮ବର୍ଷ ଧରି ନିର୍ମାଣ ଚାଲିଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରିନି। ଏ ସମ୍ପର୍କରେ ଅଞ୍ଚଳବାସୀ ବାରମ୍ବାର ବିଡିଓ, ଉପଜିଲ୍ଲାପାଳ, ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନହିଁ। ତେଣୁ ତୁରନ୍ତ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




# ପି-ପାସ୍ ଓ ଧାନ କ୍ଷେତ ସର୍ବେକ୍ଷଣ ନେଇ ପ୍ରଶିକ୍ଷଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାରେ ପି-ପାସ୍ ଓ ଧାନ କ୍ଷେତ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଜମଧର ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା, ଡେରାବିଶ, ଗରଦପୁର, ମାର୍ଶାଘାଇ ଓ ଦ୍ୱିତୀୟ ପର୍ଯ୍ୟାୟରେ ମହା-କାଳପଡ଼ା, ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ରାଜକନିକା ବ୍ଲକର ୧୧୮ଟି କୃଷି ସମବାୟ ସମିତିର ସଂପାଦକ, ଡିଇଓ, ଯୋଗାଣ ବିଭାଗର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ନିୟନ୍ତ୍ରିତ ବଜାର କମିଟିର ସଂପାଦକ ସଚ୍ଚିଦାନନ୍ଦ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ବରିଷ୍ଠ ଏଆରସିଏସ ସନ୍ତୋଷ କୁମାର ଦାଶ, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ଦାସ, ଏଆରସିଏସ ଯୋଗେନ୍ଦ୍ରନାଥ ବିଶ୍ୱାଳ ପ୍ରମୁଖଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ୨୪-୨୫ ବର୍ଷର ସେପ୍ଟେମ୍ବର ସୁଦ୍ଧା ଜିଲ୍ଲାରେ ୬୬ କୁଷ୍ଠ ରୋଗୀ ଚିହ୍ନଟ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

୧୮ ରୁ ୩୦ ନଭେମ୍ବର ୨୦୨୪ ମଧ୍ୟରେ ହେବାକୁ ଯାଉଥିବା କୁଷ୍ଠ ଚିହ୍ନଟ ଅଭିଯାନ ଉପଲକ୍ଷେ ଭଦ୍ରକ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭା ଗୃହରେ ଆୟୋଜିତ ଏହି ବୈଠକରେ ଅଭିଯାନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଗତ ୨୦୨୩-୨୪ ବର୍ଷରେ ୧୫୮ ଜଣ ନୂତନ କେଶ୍ ଚିହ୍ନଟ ହୋଇଥିଲା ବେଳେ ଚଳିତ ବର୍ଷ ୨୦୨୪-୨୫ ବର୍ଷ ପାଇଁ ସେପ୍ଟେମ୍ବର ୨୪ ସୁଦ୍ଧା ୬୬ଟି କେଶ୍ ଚିହ୍ନଟ ହୋଇଛି। କୁଷ୍ଠ କେଶ୍ ଚିହ୍ନଟ ଅଭିଯାନରେ ୨୦୨୪-୨୫ ପାଇଁ ଜାତୀୟ ନୀତି ଯୋଜନା ଅନୁଯାୟୀ ଓଡ଼ିଶା ରାଜ୍ୟର ସ୍ଥାନୀୟ ଅଞ୍ଚଳ ମଧ୍ୟରେ ପରିବୃଷ୍ଟ ପ୍ରବଣ ୨୬ଟିର ୧୭୬ ବ୍ଲକ୍ ମଧ୍ୟରୁ ଭଦ୍ରକର ୩ଟି ବ୍ଲକ୍ ଭଣ୍ଡାରୀପୋଖରୀ, ତିହିଡ଼ି, ଭଦ୍ରକ ଏହି ଅଭିଯାନରେ ସାମିଲ କରାଯାଇଛି। ଏହି ଅଭିଯାନରେ ସର୍ଭେ ଦ୍ୱାରା ଚିହ୍ନଟ କେଶ୍‌ର ୧୦୦% ମେଡ଼ିକାଲ ଅଫିସରଙ୍କ ଦ୍ୱାରା ୩ ଦିନ ମଧ୍ୟରେ ପରୀକ୍ଷା କରାଯିବ। ୫ ଡିସେମ୍ବର ୨୦୨୪ ସୁଦ୍ଧା ପରୀକ୍ଷା ଶେଷ ହେବ ଏବଂ ୧୩ ଡିସେମ୍ବର ୨୦୨୪ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯିବ। ୩ଟି ବ୍ଲକ୍‌ର ୫୯୩ ଗାଁର ୫,୯୩,୧୦୪ ଲୋକ ସଂଖ୍ୟାକୁ ନେଇ ୨୦ ଟି ପି.ଏଚ୍.ସି ୬୭ଟି ସବ୍‌ସେଣ୍ଟର ଅନ୍ତର୍ଗତ ଅଞ୍ଚଳରେ ୪୩ ଜଣ ମେଡ଼ିକାଲ ଅଧିକାରୀ, ୫୮୯ ଆଶା, ୯୯ ଜଣ ହେଲଥ୍ ୱାର୍କର, ୩୦ଜଣ ହେଲଥ୍ ସୁପର ଭାଇଜର ଏବଂ ୪ଟି ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଜରିଆରେ ଏହି ଅଭିଯାନରେ କୁଷ୍ଠ ଚିହ୍ନଟ କାର୍ଯ୍ୟକ୍ରମ ସମ୍ପାଦନ କରାଯିବ। ଏଥିପାଇଁ ବ୍ଲକ୍ ଓ ଜିଲ୍ଲା ସ୍ତରରେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ନେଇ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି ସର୍ଭେରେ ସଂପୃକ୍ତ ହେବାକୁ ଥିବା ସମସ୍ତ କର୍ମଚାରୀ, ଅଧିକାରୀମାନଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ବନ୍ଧରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ପ୍ରକାଶ ଥାଉକି କେନ୍ଦ୍ରୀୟ କୁଷ୍ଠ ଡିଭିଜନ୍ ଦ୍ୱାରା ପ୍ରଣୀତ ଜାତୀୟ ନୀତି ଯୋଜନା ୨୦୨୩-୨୭ ଅନୁଯାୟୀ ୨୦୨୭ ସୁଦ୍ଧା କୁଷ୍ଠ ମୁକ୍ତ ଭାରତ ଗଠନ ଆଭିମୁଖ୍ୟ ରଖାଯାଇଛି।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଡା. ଜୟନ୍ତ ପଣ୍ଡା ଅଭିଯାନ ପାଇଁ ପ୍ରସ୍ତୁତି ଓ କାର୍ଯ୍ୟକାରିତା ସମ୍ବନ୍ଧରେ ଉପସ୍ଥାପନ ରଖିଥିଲେ। ଡି.ପି.ଏମ୍. ସରିତା ମହାପାତ୍ରଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।



# ବୁଗୁଡ଼ା ଅଞ୍ଚଳରେ ଚୋରା ମଦ କାରବାର ବଢ଼ୁଛି, ଅବକାରୀ ବିଭାଗ ନୀରବ ଦ୍ରଷ୍ଟା ସାଜିଛି!

**ବୁଗୁଡ଼, ନ୍ୟୁଜ୍‌ବ୍ୟୁରୋ**

ବୁଗୁଡ଼ା ସହର ସମେତ ଏହାର ଆଖପାଖ ଅଞ୍ଚଳରେ ଚୋରା ମଦ କାରାବାର ବୃଦ୍ଧି ପାଉଛି। ବୁଗୁଡ଼ା ଅବକାରୀ ବିଭାଗ ଅଧୀନରେ ଥିବା ବିଭିନ୍ନ ସ୍ଥାନରେ ମଧ୍ୟ ଏହି ଚୋରା କାରାବାର ବହୁଳ ଭାବରେ ଚାଲୁଥିବା ସୂଚନା ମିଳିଛି। ଏପରିକି ବିଭାଗ ପକ୍ଷରୁ ଅନୁମତି ମିଳିଥିବା କିଛି ହାତଗଣତି ଖୁଚୁରା ବିକ୍ରୟ କେନ୍ଦ୍ର ବ୍ୟତୀତ ପାନ ଦୋକାନରୁ ଆରମ୍ଭ କରି ଫାଷ୍ଟଫୁଡ୍ ସେଣ୍ଟର ଏପରିକି କେତେକ ଘରେ ମଧ୍ୟ ବେଆଇନ ଭାବେ ଲୁଚାଛପାରେ ଏହି ଚୋରା ମଦ କାରବାର ଜୋରଦାର ଚାଲିଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଅବକାରୀ ବିଭାଗ ଏବଂ ମଦ ମାଫିଆଙ୍କ ମଧୁଚନ୍ଦ୍ରିକାରେ ଲକ୍ଷ ଲକ୍ଷ ଟଙ୍କାର ଚୋରା ମଦ ବ୍ୟାପାର ବୁଗୁଡ଼ା ସହର ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ବ୍ୟାପକ ଭାବେ ଚାଲୁ ରହିଛି। ଅନୁମତି ମିଳିନଥିବା ଖୁଚୁରା ବେପାରୀ ଅବକାରୀ ବିଭାଗର କିଛି ଅଧିକାରୀ ଓ ଦଲାଲଙ୍କୁ ହାତକରି ଏପରି ଅବାଧ ଭାବେ ଚୋରା ମଦ କାରବାର ଚାଲୁ ରଖୁଛନ୍ତି। ମଦୁଆମାନେ ଅନ୍ଧାରିଆ ସ୍ଥାନ କିମ୍ବା ଦୋକାନ କଡରେ ବସି ଖୋଲାଖୋଲି ଭାବେ ମଦ ପିଉଛନ୍ତି। ଯାହାଦ୍ୱାରା ସେହି ରାସ୍ତା ଦେଇ ଯାଉଥିବା ଲୋକଙ୍କୁ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ସ୍ଥାନୀୟ ଅଞ୍ଚଳରେ ମଦୁଆଙ୍କ ପ୍ରାଦୁର୍ଭାବ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନରେ ବ୍ୟାଘାତ ସୃଷ୍ଟି କରୁଛି। ଗତ କିଛି ଦିନ ଧରି ସ୍ଥାନୀୟ ବସଷ୍ଟାଣ୍ଡ ପଛପଟ, ପଶୁ ଚିକିତ୍ସାଳୟ ପରିସର, ବୁଦ୍ଧଖୋଲ ପାଦଦେଶରେ, ସଂସ୍କୃତ ଟୋଲ ପରିସରରେ ଏବଂ ରାସ୍ତା କଡରେ ଥିବା ବିଭିନ୍ନ କଲଭର୍ଟରେ ମଦ୍ୟପମାନେ ବିନା ସଙ୍କୋଚରେ ମଦ୍ୟପାନ କରୁଥିବାର ଦେଖିବାକୁ ମିଳୁଛି। ଏଥି ସହ ନିଶା ସେବନ କରି ଯୁବପିଢି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗର ଅଧିକାରୀମାନେ କେତେବେଳେ କେମିତି ଛୋଟକାଟିଆ ନିଶା ବେପାରୀଙ୍କୁ ଧରୁଥିଲେ ହେଁ ବଡ଼ବଡ଼ ବେପାରୀମାନଙ୍କୁ ଧରିବାକୁ ସାହାସ କରି ପାରୁନାହାନ୍ତି। ସେହିପରି ବୁଗୁଡ଼ା ସହରର କେତେକ ସ୍ଥାନରେ ଥିବା ମଦ ଦୋକାନ ସରକାରଙ୍କ ଧାର୍ଯ୍ୟ ସମୟଠାରୁ ଅଧିକ ସମୟ ଖୋଲା ରହୁଥିବା ଅଭିଯୋଗ ହେଉଛି ତେବେ କାହିଁକି ଅବକାରୀ ବିଭାଗର କର୍ମଚାରୀମାନେ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅବକାରୀ ବିଭାଗ ସବୁ ଜାଣିଶୁଣି ନୀରବ ରହୁଛି ନା ଅବକାରୀ ବିଭାଗର ଅଧିକାରୀଙ୍କ ଅଜାଣତରେ ଏହା ହେଉଛି ସେନେଇ ସାଧାରଣରେ ସନ୍ଦେହ ଉପୁଜିଛି । ଅନ୍ୟପକ୍ଷରେ ଚୋରା ମଦ ବେପାରୀ ଓ ଅବକାରୀ ବିଭାଗ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳରେ ଚୋରା ମଦ କାରବାର ଜୋରସୋରରେ ଚାଲିଥିବା ନେଇ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# କଟକ ଜିଲ୍ଲା ହେବ ସମ୍ପୂର୍ଣ୍ଣ ଯକ୍ଷ୍ମାମୁକ୍ତ : ଜିଲ୍ଲାପାଳ



**କଟକ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ୱାସ୍ଥ୍ୟ ସମନ୍ୱିତ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାକୁ ଯକ୍ଷ୍ମା ମୁକ୍ତ କରିବା, ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ, କୁଷ୍ଠ ନିରାକରଣ ଅଭିଯାନ, ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଆଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ବିଗତ ବର୍ଷ ଗୁଡିକରେ ଯାହାସବୁ ତ୍ରୁଟି ବିଚ୍ୟୁତି ରହିଯାଇଛି ସେ ସମ୍ପର୍କରେ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଟାଙ୍ଗୀ, ତିଗିରିଆ ଏବଂ ବଡ଼ମ୍ବା ବ୍ଲକରେ କୁଷ୍ଠ ନିରାକରଣ ଅଭିଯାନ ଆରମ୍ଭ କରାଯିବ। ଆଶାକର୍ମୀମାନେ ଘରକୁ ଘର ବୁଲି ସର୍ଭେ କରି ସମସ୍ତ ଗ୍ରାମବାସୀଙ୍କର ଯାଞ୍ଚ କରିବେ ଏବଂ ୭୨ ଘଣ୍ଟା ମଧ୍ୟରେ ଏ ସମ୍ପର୍କିତ ରିପୋର୍ଟ ଦାଖଲ କରିବେ। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କର ଚକ୍ଷୁ ପରୀକ୍ଷା କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଉପରେ ଆୟୋଜନ କରଯାଉଥିବା ସ୍ୱତନ୍ତ୍ର ଶିବିରରେ ଶତ ପ୍ରତିଶତ ଉପସ୍ଥାନ ସୁନିଶ୍ଚିତ କରାଇବା ଉପରେ ଜିଲ୍ଲାପାଳ ଜୋର ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ତମାଖୁ ବିମୁଖ କରିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରିବା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଜିଲ୍ଲାର ସଫଳତା ହାର ବୃଦ୍ଧି କରିବା ନିମନ୍ତେ ବିହୀତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଚିନ୍ତାମଣି ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ଅଶୋକ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ନିରାକରଣ) ଡା. ଦୀପା ପଟ୍ଟନାୟକ, ଜିଲ୍ଲା ପ୍ରକଳ୍ପ ସଂଯୋଜକ କ୍ରିଷ୍ଣା କାବେରୀ ପଟ୍ଟନାୟକ, ବାଙ୍କୀ ଉପଖଣ୍ଡ ଚିକିତ୍ସା ଅଧିକାରୀ, ଡା. ବନବାସୀ ବେହେରା, ଆଠଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଶିକ୍ଷା ଅମଲା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଶିକ୍ଷା ଅମଲା ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ୧୧ ଦଫା ଦାବିପତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ସଭାପତି ଅବିନାଶ ତ୍ରିପାଠୀଙ୍କ ନେତୃତ୍ୱରେ ସାଧାରଣ ସଂପାଦକ ମନୋରଞ୍ଜନ ମିଶ୍ର, ସଂପାଦକ ପ୍ରଭାତ କୁମାର ମଲିକ, କୋଷାଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ହୋଇ ଦୀର୍ଘ ବର୍ଷ ହେଲା ଶିକ୍ଷା ଅମଲା ମାନେ ଆର୍ଥିକ କ୍ଷତି ସହିବା ସହ ଅବହେଳିତ ଅବସ୍ଥାରେ ଥିବାରୁ ଅସନ୍ତୋଷ ପ୍ରକାଶ କରି ନ୍ୟାର୍ଯ୍ୟ ଦାବିଗୁଡ଼ିକୁ ପୂରଣ ପାଇଁ ରାଜ୍ୟ ସରକାରକୁ ପ୍ରଦାନ କରିଛନ୍ତି। ଏହି ଦାବି ପତ୍ରରେ ୪୨୦୦ ଗ୍ରେଡ୍ ପେ ପ୍ରଦାନ କରିବା ସହିତ କ୍ୟାଡ଼ରର ପୁନଃ ସଂରଚନା (ରିଷ୍ଟ୍ରକ୍‌ଚର) ଲାଗୁ କରିବା, ପଦୋନ୍ନତି, ସ୍ୱାସ୍ଥ୍ୟ ବୀମା, ନୂତନ ପଦବୀ ସୃଷ୍ଟି କରିବା, ଅଣଶିକ୍ଷା କାର୍ଯ୍ୟରେ ଶିକ୍ଷକ ମାନଙ୍କୁ ଦାୟିତ୍ୱ ପ୍ରଦାନ ବାତିଲ କରିବା ଆଦି ଦାବିଗୁଡିକ ପୂରଣ କରିବା ପାଇଁ ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେରଫେର ଅଭିଯୋଗ




**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଯୋଗ୍ୟ ହିତାଧିକାରୀ କିପରି ଆବାସ ଯୋଜନାରୁ ବଞ୍ଚିତ ନହେବେ ସେଥିପାଇଁ ତଳୁ ଉପରସ୍ତର ପର୍ଯ୍ୟନ୍ତ ଅଧିକାରୀ ନିଯୁକ୍ତ କରିଛନ୍ତି ରାଜ୍ୟ ସରକାର। ହେଲେ କିଛି ଦୁର୍ନୀତି ଖୋର କର୍ମଚ୍ଚାରୀଙ୍କ ଲାଭଖୋର ମନୋଭାବ ଯୋଗୁଁ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ୍ ପଡୁଥିବା ବେଳେ ଟଙ୍କା ବଳରେ ଅଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ହାତେଇଥିବା ଭଳି ଗୁରୁତର ଅଭିଯୋଗ କରିଛନ୍ତି ବୌଦ୍ଧ ବିଡ଼ିଓଙ୍କ ଠାରେ। ସୂଚ୍ନାମତେ ସଦର ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ୨୯ ଜଣ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ବାହାରିବା ପରେ ପିଇଓ ଏବଂ ସରପଞ୍ଚଙ୍କ ନିର୍ଦ୍ଦେଶରେ ମଧ୍ୟସ୍ଥି ମାଧମରେ ହିତାଧିକାରୀଙ୍କ ଠାରୁ ୧୦ ହଜାର ଟଙ୍କା ମାଗିଥିଲେ। ୨୯ ଜଣଙ୍କ ମଧ୍ୟରୁ ୧୮ ଜଣ ଟଙ୍କା ଦେବାରୁ ତାଙ୍କର ପ୍ରଥମ କିସ୍ତି ଟଙ୍କା ଜମା ଖାତାରେ ପଡ଼ିଥିବା ବେଳେ ବାକି ୧୧ ଜଣ ହିତାଧିକାରୀ ଟଙ୍କା ଦେଇନପାରିବାରୁ ତାଲିକାରୁ ବାଦ ପଡ଼ିଛନ୍ତି। ଏ ସମ୍ପର୍କରେ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ଯୁଧିଷ୍ଠିର ମେହେର ଅଭିଯୋଗକାରୀଙ୍କୁ ଆଶ୍ୱାସନା ଦେଇଥିବା ସୂଚ୍ନା ମିଳିଛି। ଏହାର ଉଚ୍ଚ ସ୍ଥରୀୟ ତଦନ୍ତ କଲେ ପ୍ରକୃତ ସତ ଲୋକଲୋଚ୍ନକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ଅବ୍ୟବସ୍ଥା ଘେରରେ ବ୍ଲକ୍ କାର୍ଯ୍ୟାଳୟ : ପ୍ରତିକାର ଦାବି

**ବୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ବାହ୍ୟ ମଳତ୍ୟାଗକୁ ରୋକିବା ସହ ସହର ଠାରୁ ଗାଁ ପର୍ଯ୍ୟନ୍ତ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଆରମ୍ଭ ହୋଇଛି ସ୍ୱଚ୍ଛ ଭାରତ ଯୋଜନା। ଏହି ଯୋଜନାରେ ବାହାରେ ପରିସ୍ରା ଓ ମଳ ତ୍ୟାଗ ନକରିବା ପାଇଁ ଲୋକଙ୍କୁ ସଚେତନ କରିବା ସହ ବିଭିନ୍ନ ସ୍ଥାନରେ ଶୌଚାଳୟ ପ୍ରତିଷ୍ଠା ପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ କରାଯାଇଛି ହେଲେ ରକ୍ଷଣା ବେକ୍ଷଣର ଅଭାବ ଯୋଗୁଁ ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପରିସ୍ରାଗାର ଏବେ ଦୁର୍ଗନ୍ଧର ଗନ୍ତାଘର ପାଲଟିଛି। ଏହାର ଜ୍ୱଳନ୍ତ ଉଦାହରଣ ବୁଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଦେଖିବାକୁ ମିଳିଛି। ବିଭିନ୍ନ କାମରେ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟାଳୟ ସମ୍ମୁଖସ୍ଥ ଗ୍ୟାରେଜ ପାର୍ଶ୍ୱରେ ଦୁଇ ବର୍ଷ ତଳେ ଏକ ପରିସ୍ରାଗାର ନିର୍ମାଣ ହୋଇଥିଲା। ତେବେ ପାଣିର ଅବ୍ୟବସ୍ଥା ସାଙ୍ଗକୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବାରୁ ସେଠାରେ ପରିସ୍ରା କରିବାକୁ ଲୋକେ ପଛ ଘୁଞ୍ଚା ଦେଉଛନ୍ତି। ଯଦି ଅଜଣାତରେ କେହି ପରିସ୍ରା କରିବା ପାଇଁ ସେଭିତରକୁ ଚାଲିଗଲା ତେବେ ପରିସ୍ରା କରିବା ତ ଦୂରର କଥା ବାନ୍ତି କରିବା ହିଁ ସାର ହେବ। ସଂପ୍ରତି ସେହି ପରିସ୍ରାଗାର ଆଉ କାମରେ ଲାଗୁନଥିବାରୁ ଲୋକେ ପୁଣି ପୂର୍ବ ଭଳି ଛକର ଏଣେ ତେଣେ ପରିସ୍ରା କରିବାକୁ ବାଧ ହେଉଥିବା ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନର ଉଦାସୀନତା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ବେଳେ ଯଥାଶୀଘ୍ର ଏହାକୁ ବ୍ୟବହାର ଉପଯୋଗୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବୃଦ୍ଧ ନିଖୋଜ : ଥାନାରେ ଅଭିଯୋଗ

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ବାରଙ୍ଗ ଥାନା ବେଲଗଛିଆ ପଞ୍ଚାୟତ ଅନ୍ତର୍ଗତ ନୟାପାଟଣା ଗ୍ରାମର ସୁରେନ୍ଦ୍ର ଭଟ୍ଟ(୬୮) ନାମକ ବୃଦ୍ଧ ଗୁରୁବାର ଠାରୁ ନିଖୋଜ ଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ବୃଦ୍ଧ ଜଣକ ମାନସିକ ସ୍ଥିତି ସ୍ଥିର ନଥିବା ବେଳେ ଗୁରୁବାର ପୂର୍ବାହ୍ନ ପ୍ରାୟ ୯ଟା ଠାରୁ ଘରୁ କେଉଁଆଡେ ଚାଲି ଯାଇଛନ୍ତି। ସାଙ୍ଗରେ ସେ ଏକ ସାଇକେଲ ଧରି ଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଘରୁ ଗଲା ବେଳକୁ ସେ ଏକ ଲୁଙ୍ଗି ଓ ଗାମୁଛା ପିନ୍ଧିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ଜିଲ୍ଲାସ୍ତରୀୟ ସୁରଭି ମହାସମାରୋହରେ ପାଳିତ

# ସଫଳତାରେ ପୂର୍ଣ୍ଣତା ଆସେ ନାହିଁ କି ବିଫଳତାରେ ଶେଷ ହୁଏ ନାହିଁ : ଜିଲ୍ଲାପାଳ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ ପରିସରରେ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ପୂର୍ବାହ୍ନ ୮ଟା୩୦ରୁ ଛାତ୍ରଛାତ୍ରୀମାନଙ୍କ ପଞ୍ଜିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲାର ୭ଟି ବ୍ଲକରୁ ୨୯ଟି ବିଭାଗରେ ୨୪୫ଜଣ ପ୍ରତିଯୋଗୀ ପଞ୍ଜିକରଣ କରି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଅକ୍ରୁର ବାରିକଙ୍କ ସଭାପତିତ୍ୱ ଓ ଶିକ୍ଷକ ମନୋଜ କୁମାର ସାହୁ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁଶେଖର ମହାପାତ୍ର, ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପିଲାମାନଙ୍କ ର ପ୍ରତିଭା ଅନ୍ୱେଷ ପାଇଁ 'ସୁରଭି' ଏକ ପ୍ରକୃଷ୍ଟ କ୍ଷେତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅପରାହ୍ନ ୩ ଘଟିକାରେ ଏହି କାର୍ଯ୍ୟକ୍ରମର ପୁରସ୍କାର ବିତରଣ ତଥା ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲିପ ରାଉତରାଏ ଯୋଗଦେଇ ପିଲାମାନଙ୍କୁ ପ୍ରତିଯୋଗିତାରେ ପୁରସ୍କାର ଲାଭ ମୁଖ୍ୟ ଉଦ୍ଦେଶ୍ୟ ନୁହେଁ ବୋଲି ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ପିଲାମାନଙ୍କର ପ୍ରତିଯୋଗୀ ମନୋଭାବ ବୃଦ୍ଧି ହେବା ସହ ଜ୍ଞାନର ବିକାଶ ହେବ ବୋଲି ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଥିଲେ। ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ସର୍ବୋତୋମୁଖୀ ବିକାଶ ହିଁ ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟ ର ସଂଯୋଜିକା ଇତିଶ୍ରୀ ମିଶ୍ରଙ୍କ ସମେତ ଜିଲ୍ଲାର ୭ଟି ବ୍ଲକର ବ୍ଲକ ଶିକ୍ଷାଧିକାରୀ, ସମଗ୍ର ଶିକ୍ଷା, ଭଦ୍ରକର ସମସ୍ତ କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ୮ଦଫା ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପରା ଜିଲ୍ଲାରେ କାର୍ଯ୍ୟରତ ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ କେନ୍ଦ୍ରାପରା ଜିଲ୍ଲା ଶାଖା ପକ୍ଷରୁ ୮ ଦଫା ସମ୍ୱଳିତ ଦାବିପତ୍ର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ସାଧାରଣ ସଂପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଦାବିଗୁଡ଼ିକ ମଧ୍ୟରେ ମହିଳା ନିର୍ମାଣ ଶ୍ରମିକମାନଙ୍କୁ ପରିଚୟ ପତ୍ର ପ୍ରଦାନ, ମହିଳା ନିର୍ମାଣ ଶ୍ରମିକ ମାନଙ୍କର ଫେରସ୍ତ କରା ଯାଇଥିବା ଦରଖାସ୍ତ ଗୁଡିକୁ ଗ୍ରହଣ କରିବା, ୨୦୨୦ ମସିହାରେ ମିଳିଥିବା ଶିକ୍ଷାବୃତ୍ତି ଦରଖାସ୍ତକୁ ବିଚାର କରାଯାଇ ବୃତିରାଶି ପ୍ରଦାନ କରିବା, ଅଫଲାଇନରେ କରା ଯାଉଥିବା ଝିଅ ବାହାଘର ଦରଖାସ୍ତ ତୁରନ୍ତ ବିଚାର କରିବା ସହ ଅନୁଦାନ ରାଶି ପ୍ରଦାନ କରିବା, ତଦନ୍ତ ହୋଇ ସାରିଥିବା ମୃତ୍ୟୁକାଳୀନ ସହାୟତା ରାଶି ତୁରନ୍ତ ପ୍ରଦାନ କରିବା ଆଦି ଦାବିଗୁଡ଼ିକ ରହିଛି । ୭ଦିନ ମଧ୍ୟରେ ଏହି ଦାବିଗୁଡ଼ିକ ପୂରଣ ନହେଲେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ମନୋଜ ପରିଡ଼ା, ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, ବିଶ୍ୱମ୍ବର ଗିରି, ଜଗଦିଶ କାତଳ, ଅଧିର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ରାୟଗଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଆଇନସେବା ପ୍ରାଧିକରଣ ରାୟଗଡା ଦ୍ୱାରା 'ରାଷ୍ଟ୍ରୀୟ ଆଇନ ସେବା ଦିବସ' ପାଳିତ ଉପଲକ୍ଷେ ସ୍ଥାନୀୟ ଜିଲ୍ଲା ଅଦାଲତ ପରିସରଠାରୁ ଡେଲି ମାର୍କେଟ ପର୍ଯ୍ୟନ୍ତ ଏକ ପ୍ରଭାତ ଫେରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟ ନାରାୟଣ ଷଡଙ୍ଗୀ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ପ୍ରଭାତ ଫେରୀ କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ପୋକ୍ସ ଅଦାଲତର ବିଚାରପତି ସ୍ୱେତା ମିଶ୍ର, ମହିଳା କୋର୍ଟର ବିଚାରପତି ସସ୍ମିତା ମିଶ୍ର, ରେଜିଷ୍ଟ୍ରାର ସୌମ୍ୟରୂପ ସାହୁ, ସବ୍ ଜଜ୍ ଆଶିଷ ପଟ୍ଟନାଏକ, ନ୍ୟାୟଧିକାରୀ ଜ୍ୟୋତିରମୟୀ ଷଡ଼ଙ୍ଗୀ, ରାୟଗଡ଼ା ବାର୍ ଆସୋସିଏସନର ସଭାପତି ପଦ୍ମନାଭ ଦାସ ସହିତ ସଚିବ ବିଶ୍ୱନାଥ ଗନ୍ତାୟତ ତଥା ଅନ୍ୟ ଆଇନଜୀବୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମସ୍ତ ପାନେଲ ଓକିଲ, ପାରା ଲିଗାଲ ଭଲ୍ୟୁଣ୍ଟର, ଜିଲ୍ଲା ଅଦାଲତର ସମସ୍ତ କର୍ମଚାରୀ, ଜି.ସି.ଡି ଜିଲ୍ଲା ହାଇସ୍କୁଲର ଶିକ୍ଷକ ଓ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟ ନାରାୟଣ ଷଡ଼ଙ୍ଗୀ ସର୍ବପ୍ରଥମେ ସମସ୍ତଙ୍କୁ ଅଭିବାଦନ ଜଣାଇ ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳନର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସର୍ବୋପରି ଏହି କାର୍ଯ୍ୟକ୍ରମରେ ଜି.ସି.ଡି ଜିଲ୍ଲା ହାଇସ୍କୁଲ ର ଛାତ୍ର ଛାତ୍ରୀମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି।




# କାର୍ଯ୍ୟକ୍ଷେତ୍ରରେ ଅନୁଶାସନ ଓ ସମୟାନୁବର୍ତ୍ତିତା ପାଳନ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସ୍ଥାନୀୟ ଟାଉନ ହଲ୍ ଠାରେ ପାଳିତ ହୋଇଯାଇଛି । ଉଦ୍‌ଯାପନୀ କାର୍ଯ୍ୟକ୍ରମର ମୁଖ୍ୟଅତିଥି ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ସମ୍ମାନୀତ ଅତିଥି ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ମଞ୍ଚାସୀନ ଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ସଭାପତିତ୍ୱ କରି ଅନୁଶାସନ, ପରମ୍ପରା ଓ ସମୟାନୁବର୍ତ୍ତିତାକୁ ପାଳନକରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଶିଶୁମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ପରିସ୍ଫୁଟନ କରିବାର ପ୍ରକୃଷ୍ଟ ମଞ୍ଚ ହେଉଛି ଶିଶୁ ମହୋତ୍ସବ ସୁରଭି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁର ମୁଖ୍ୟ ଅତିଥି ଭାବରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଘନଶ୍ୟାମ ମେହେର ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ବୌଦ୍ଧ ଉପେନ୍ଦ୍ର କୁମାର ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ହରଭଙ୍ଗା ଅଜୟ କୁମାର ଲୁହା ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ କଣ୍ଟାମଳ ମନୋଜ ସେଠୀ ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଜିଲ୍ଲାର ତିନି ବ୍ଲକ୍‌ରୁ ମନୋନୀତ ହୋଇଥିବା କନିଷ୍ଠ, ବରିଷ୍ଠ ଓ ଉଚ୍ଚ ମାଧ୍ୟମିକ ବିଭାଗର ବକ୍ତୃତା, ବିତର୍କ, ସଂଗୀତ, ପ୍ରବନ୍ଧ ଲିଖନ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ ଆଦି ୨୯ଟି ପ୍ରତିଯୋଗିତା ଏବଂ ଦଳଗତ ନୃତ୍ୟରେ ୩୨୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ୧୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ବିଚ୍ଚାରକ ଓ କାର୍ଯ୍ୟକ୍ରମ ପରିଚ୍ଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର କର୍ଣ୍ଣ ଅତିଥି ପରିଚ୍ଚୟ ପ୍ରଦାନ କରିଥିଲେ। ଶିକ୍ଷକ ସମ୍ବିତ କୁମାର ମିଶ୍ର ମଞ୍ଚ ପରିଚ୍ଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଧନ୍ୟବାଦ ଦେଇଥିଲେ।



ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ୦.୫%କୁ ଖସିଲା ଘରୋଇ ଯାନବାହନ କିଣା

ଚଳିତ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କୃଷି କ୍ଷେତ୍ର ଚାପରେ ରହିଥିଲା। କେନ୍ଦ୍ର ସରକାର ଜାରି କରିଥିବା ଅର୍ଥନୈତିକ ଅଭିବୃଦ୍ଧି ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଏହି ତିନି ମାସରେ କୃଷି କ୍ଷେତ୍ରର ଅଭିବୃଦ୍ଧି ମାତ୍ର ୧.୨ ପ୍ରତିଶତ ରହିଛି ଯାହା ତାହାର ତିନି ମାସ ପୂର୍ବରୁ ଅର୍ଥାତ୍ ଜାନୁଆରିରୁ ମାର୍ଚ୍ଚ ଭିତରେ ୩.୫ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା। କୃଷି ଅଭିବୃଦ୍ଧି ହ୍ରାସ ପାଇବା ସତ୍ତ୍ୱେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ଜୁଲାଇ-ସେପ୍ଟେମ୍ବରରେ ୭.୬ ପ୍ରତିଶତ ହୋଇଛି। ଫଳରେ ଅଭିବୃଦ୍ଧି କମ୍ ରହିବା ନେଇ ହୋଇଥିବା ସବୁ ଆକଳନ ଭୁଲ ପ୍ରମାଣିତ ହୋଇଛି। ଚଳିତ ବର୍ଷର ଜାନୁଆରୀ-ମାର୍ଚ୍ଚର ଅଭିବୃଦ୍ଧି ୭.୮ ପ୍ରତିଶତ ଥିଲା। ଆଲୋଚ୍ୟ ତିନି ମାସରେ ଖଣି ଓ ଖନନ, ମାନୁଫାକ୍ଚରିଂ ଓ ନିର୍ମାଣ କ୍ଷେତ୍ରର ପ୍ରଦର୍ଶନ ବହୁତ ଭଲ ରହିଥିଲା। ଖଣି ଓ ଖନନ କ୍ଷେତ୍ର ୧୦ ପ୍ରତିଶତ ହାରରେ ଆଗକୁ ବଢ଼ିଥିବା ବେଳେ ମାନୁଫାକ୍ଚରିଂ ୧୩.୯ ପ୍ରତିଶତ ଏବଂ ନିର୍ମାଣ କ୍ଷେତ୍ର ୧୩.୩ ପ୍ରତିଶତ ହାରରେ ଆଗକୁ ବଢ଼ିଛି। ବାଣିଜ୍ୟ, ହୋଟେଲ ଓ ପରିବହନ କ୍ଷେତ୍ର ୪.୩ ପ୍ରତିଶତ ଭଳି ମନ୍ଥର ଗତିରେ ଆଗକୁ ବଢ଼ିଥିବା ବେଳେ ବିଦ୍ୟୁତ କ୍ଷେତ୍ରର ଅଭିବୃଦ୍ଧି ୧୦.୧ ପ୍ରତିଶତ ଭଳି ଉତ୍ସାହଜନକ ସ୍ତରରେ ରହିଛି। ଆର୍ଥିକ ସେବା ଓ ରିଅଲ ଇଷ୍ଟେଟ୍ ୬ ପ୍ରତିଶତ ଏବଂ ସାଧାରଣ ପ୍ରଶାସନ ଓ ପ୍ରତିରକ୍ଷା ୭.୬ ପ୍ରତିଶତ ହାରରେ ଆଗକୁ ବଢ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଜାରି କରିଥିବା ତଥ୍ୟ ଅନୁସାରେ ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଦେଶର ଜିଡିପି ପରିମାଣ ୪୧.୭୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୨-୨୩ର ସେହି ସମୟରେ ଜିଡିପି ପରିମାଣ ୩୮.୭୮ ଲକ୍ଷ କୋଟି ଟଙ୍କା ଥିଲା। ଚଳିତ ବର୍ଷର ଜୁଲାଇ-ସେପ୍ଟେମ୍ବର ତିନି ମାସରେ ଚାଉଳ ଉତ୍ପାଦନ ୩.୧ ପ୍ରତିଶତ ହ୍ରାସ ପାଇଥିବା ବେଳେ ଘରୋଇ ଯାନବାହନ କିଣା ୦.୫ ପ୍ରତିଶତ ଏବଂ ସାମଗ୍ରୀ ଓ ସେବା ଆମଦାନି ୬.୫ ପ୍ରତିଶତ ହ୍ରାସ ପାଇଛି। ସେହି ସମୟରେ କୋଇଲା, ଅଶୋଧିତ ତୈଳ, ଇସ୍ପାତ, ଟେଲିଫୋନ୍ ଗ୍ରାହକ, କମର୍ସିଆଲ ଗାଡ଼ି ବିକ୍ରି, ବନ୍ଦରରେ ପଣ୍ୟ ପରିବହନ, ବିମାନବନ୍ଦରରେ ପଣ୍ୟ ପରିବହନ ଓ ଯାତ୍ରୀ ସଂଖ୍ୟା, ବ୍ୟାଙ୍କର ଜମା ଓ ଅଗ୍ରୀମ, ସାମଗ୍ରୀ ଓ ସେବା ରପ୍ତାନିରେ ବୃଦ୍ଧି ଘଟିଛି।

# ଷ୍ଟାଟୋହେପାଟାଇଟିସ୍ ବିଷୟରେ ସାଧାରଣ ଜ୍ଞାନ ଓ ନିରାକରଣ (୪)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୬୭୪

ଏହି ବିଷୟବସ୍ତୁର ପ୍ରଥମ ଦୁଇଟି ଆଲେଖ୍ୟରେ ଅଣ-ମଦ୍ୟପ ବା ନନ୍-ଆଲକୋହଲିକ୍ ଷ୍ଟାଟୋହେପାଟାଇଟିସ୍ (NASH) ବିଷୟରେ ଚର୍ଚ୍ଚା କରିଥିଲୁ। ଗତ ଆଲେଖ୍ୟରେ ଆମେ ମଦ୍ୟପାନକାରୀ ବା ଆଲକୋହଲିକ୍ ଷ୍ଟାଟୋହେପାଟାଇଟିସ୍ (ASH) ର କାରଣ ବିଷୟରେ କିଛି ତଥ୍ୟ ଦେଇଥିଲୁ। ମଦ୍ୟପାନକାରୀ ଷ୍ଟାଟୋହେପାଟାଇଟିସ୍, ଯାହାକୁ ପ୍ରାୟତଃ ମଦ୍ୟପ ହେପାଟାଇଟିସ୍ କୁହାଯାଏ, ସେ ଅବସ୍ଥା ବହୁକାଳ ସ୍ଥାୟୀ ହେଲେ ଏବଂ ଅତ୍ୟଧିକ ମଦ୍ୟପାନ ଦ୍ୱାରା ଯକୃତର ଏକ ଗୁରୁତର ଅବସ୍ଥା ସୃଷ୍ଟି ହୁଏ। ମଦ୍ୟପାନ ହେପାଟାଇଟିସର ଚିକିତ୍ସାର ମୂଳ ଲକ୍ଷ୍ୟ ହେଉଛି ଯକୃତର କ୍ଷତି ବନ୍ଦ କରିବା, ପ୍ରଦାହକୁ ହ୍ରାସ କରିବା ଏବଂ ଯକୃତର କାର୍ଯ୍ୟରେ ଉନ୍ନତି ଆଣିବା । ଏହା ପ୍ରାୟତଃ ଜୀବନଶୈଳୀ ପରିବର୍ତ୍ତନ, ପୁଷ୍ଟିକର ଖାଦ୍ୟର ସହାୟତା, ଡାକ୍ତରୀ ଚିକିତ୍ସା ଏବଂ ବେଳେବେଳେ ଶଲ୍ୟ ଚିକିତ୍ସା ହସ୍ତକ୍ଷେପର ଏକ ମିଶ୍ରଣକୁ ଅନ୍ତର୍ଭୁକ୍ତ କରିଥାଏ । ଆଜି ଏହାର ନିରାକରଣ ଏବଂ ଚିକିତ୍ସା ବିଷୟରେ ଅଧିକ ଜାଣିବା।

ମଦ୍ୟପାନରୁ ନିବୃତ୍ତ - ଚିକିତ୍ସାରେ ମଦ୍ୟପାନ ବନ୍ଦ କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଲଗାତାର ମଦ୍ୟପାନ ଯକୃତର କ୍ଷତିକୁ ଆହୁରି ଖରାପ କରିବ ଏବଂ ବଞ୍ଚିବାର ହାରକୁ ଯଥେଷ୍ଟ ହ୍ରାସ କରିବ। ତେଣୁ ମଦ୍ୟପାନ କାର୍ଯ୍ୟକ୍ରମକୁ ତୁରନ୍ତ ତ୍ୟାଗ କରିବା ଉଚିତ। ଅନେକ ରୋଗୀ ଉପଯୁକ୍ତ ପରାମର୍ଶ, ନିଶା ସେବନ ତ୍ୟାଗ କରାଇବାପରି ଗୋଷ୍ଠୀ ଏବଂ ମଦ୍ୟପାନ ଛାଡିବାରେ ସାହାଯ୍ୟ କରିବା ପାଇଁ ପୁନର୍ବାସ କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୁଅନ୍ତି । ଆଜିକାଲି ମଦ୍ୟପାନ ନିର୍ଭରଶୀଳତାକୁ କମାଇବା ପାଇଁ ଔଷଧର ପ୍ରଚଳନ ମଧ୍ୟ କରାଯାଉଛି। ମାତ୍ର ରୋଗର ଚିହ୍ନଟ, ରୋଗୀର ଉପଯୁକ୍ତ ଔଷଧର ନିର୍ଦ୍ଧାରଣ ଓ ଏ ସମ୍ବନ୍ଧୀୟ ସମସ୍ତ ବିଷୟ ଯୋଗ୍ୟତାପ୍ରାପ୍ତ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ହେବା ଉଚିତ। ନିମ୍ନରେ ପ୍ରଦତ୍ତ ଔଷଧର ନାମ କେବଳ ଶିକ୍ଷା ପାଇଁ ପ୍ରଯୁଜ୍ୟ।

ପୁଷ୍ଟିକର ଖାଦ୍ୟପେୟ ଦ୍ୱାରା ହସ୍ତକ୍ଷେପ: ମଦ୍ୟପ ହେପାଟାଇଟିସ୍ ରୋଗୀଙ୍କ ପାଖରେ ପୁଷ୍ଟିହୀନତା ଦୃଷ୍ଟିଗୋଚର ହୁଏ। ଶ୍ୱେତସାର, ପ୍ରୋଟିନ୍ ଏବଂ ଅତ୍ୟାବଶ୍ୟକ ଭିଟାମିନ୍ ଏବଂ ଖଣିଜ ପଦାର୍ଥ (ବିଶେଷତଃ ଭିଟାମିନ୍ ବି, ଫୋଲେଟ୍, ଏବଂ ଭିଟାମିନ୍-ଡି) ରେ ଭରପୂର ଏକ ଖାଦ୍ୟ ଏକାନ୍ତ ଆବଶ୍ୟକ। ମଦ୍ୟପାନକାରୀମାନଙ୍କର ପ୍ରାୟତଃ ଥାଇଆମିନ୍ (ଭିଟାମିନ୍-ବି ୧) ର ଅଭାବ ଥାଏ, ସ୍ନାୟୁଗତ ଅବସ୍ଥା ଭଳି ଜଟିଳତା ସୃଷ୍ଟି କରିପାରେ । ଚିକିତ୍ସାରେ ଥାଇଆମିନ୍ ପରିପୂରକ ବସ୍ତୁ ପ୍ରାୟତଃ ଦିଆଯାଏ । ଯଦି ମୌଖିକ ଖାଦ୍ୟ ପର୍ଯ୍ୟାପ୍ତ ନୁହେଁ, ରୋଗୀମାନେ ପର୍ଯ୍ୟାପ୍ତ ପରିମାଣର ପୁଷ୍ଟିକର ଖାଦ୍ୟ ପାଇବାକୁ ନିଶ୍ଚିତ କରିବାକୁ ଟ୍ୟୁବ୍ ଫିଡିଂ ଆବଶ୍ୟକ କରିପାରନ୍ତି । ଯକୃତର ପ୍ରଦାହକୁ ହ୍ରାସ କରିବା ଏବଂ ସ୍ୱଳ୍ପ ମିଆଦି ବଞ୍ଚିବାରେ ଉନ୍ନତି ଆଣିବା ପାଇଁ ଗୁରୁତର ମଦ୍ୟପାନ ହେପାଟାଇଟିସ୍ ରୋଗୀଙ୍କ ପାଇଁ ଔଷଧ ଦିଆଯାଇପାରେ। ତଥାପି, ସେମାନେ ସମସ୍ତ ରୋଗୀଙ୍କ ବିଶେଷକରି ସକ୍ରିୟ ସଂକ୍ରମଣ ଥିବା ଲୋକଙ୍କ ପାଇଁ ଉପଯୁକ୍ତ ନୁହେଁ।

ଏହାଛଡା ଅନେକ ପ୍ରକାର ଔଷଧ ଯେପରି Pentoxifylline (ପେଣ୍ଟୋକ୍ସିଫିଲାଇନ୍) ମଧ୍ୟ ଦିଆଯାଇଥାଏ। ଏହି ଔଷଧର ଫୁଲା କମାଇବାରେ ପ୍ରଭାବ ରହିଛି ଏବଂ କର୍ଟିକୋଷ୍ଟେରଏଡ୍ର ବିକଳ୍ପ ଭାବରେ ବ୍ୟବହୃତ କରାଯାଇଥାଏ। ଏହାର ଫଳପ୍ରଦତା ବିତର୍କ ହୋଇଥିବାବେଳେ ଏହା ଯକୃତ ରୋଗରେ କିଡନୀ ବିଫଳତାର ଆଶଙ୍କା ହ୍ରାସ କରିପାରେ। N-acetylcysteine ଏକ ଆଣ୍ଟିଅକ୍ସିଡାଣ୍ଟ ଯାହା ଯକୃତରେ ଅକ୍ସିଡେଟିଭ୍ ଚାପ ହ୍ରାସ କରିବାରେ କର୍ଟିକୋଷ୍ଟେରଏଡ ସହିତ ବ୍ୟବହୃତ ହୋଇପାରେ । ଏହି ରୋଗରେ ଯକୃତରେ ଫାଇବ୍ରୋସିସ୍ (ଦାଗ) ହୋଇ ଯିବାର ସମ୍ଭାବନା ଥାଏ ଏବଂ ଏହାକୁ ହ୍ରାସ କରୁଥିବା ଔଷଧ ପାଇଁ ଅନୁସନ୍ଧାନ ଜାରି ରହିଛି, ଯଦିଓ ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ କୌଣସି ଔଷଧ ବିଶେଷ ଭାବରେ ମଦ୍ୟପାନ ହେପାଟାଇଟିସ୍ ପାଇଁ ଅନୁମୋଦିତ ହୋଇନାହିଁ ।

ମନିଟରିଂ ଏବଂ ଜଟିଳତା ପରିଚାଳନା – ଯଦି ମଦ୍ୟପ ବ୍ୟକ୍ତି କ୍ଷେତ୍ରରେ ହେପାଟାଇଟିସ୍ ସିରୋସିସ୍ ରୋଗ ଆଡକୁ ଅଗ୍ରଗତି କରିଛି, ତେବେ ଚିକିତ୍ସାର ମୁଖ୍ୟ ଦିଗ ହେଉଛି; ପେଟରେ ତରଳ ପଦାର୍ଥ ଜମିବା, ଧମନୀରୁ ରକ୍ତସ୍ରାବ ଏବଂ ହେପାଟିକ୍ ଏନସେଫାଲୋପାଥି ଭଳି ଜଟିଳତା ପରିଚାଳନା ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିଥାଏ। ମଦ୍ୟପାନ ହେପାଟାଇଟିସ୍ ରୋଗୀଙ୍କ ଯକୃତର କାର୍ଯ୍ୟ ଏବଂ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହେତୁ ସଂକ୍ରମଣ ହେବାର ଆଶଙ୍କା ଅଧିକ ଥାଏ। ଯେ କୌଣସି ସଂକ୍ରମଣର ଶୀଘ୍ର ଚିକିତ୍ସା ଗୁରୁତ୍ୱପୂର୍ଣ୍ଣ ଅଟେ, ଏବଂ ହେପାଟାଇଟିସ୍ ବି, ସ୍ୱାଇନ୍ ଫ୍ଲୁ ଏବଂ ନିମୋନିଆ ପାଇଁ ଟୀକାକରଣ ସୁପାରିଶ କରାଯାଏ।

ଯକୃତ ପ୍ରତିରୋପଣ – ଯେଉଁ ମଦ୍ୟପାନ ହେପାଟାଇଟିସ୍ ରୋଗୀମାନଙ୍କ କ୍ଷେତ୍ରରେ ଅନ୍ୟ ଚିକିତ୍ସାର କିଛି ଫଳପ୍ରଦ ପ୍ରତିକ୍ରିୟା ହୋଇନାହିଁ, ପରିଣତ ଅବସ୍ଥାରେ ଥିବା ବେଳେ ଯକୃତ ପ୍ରତିରୋପଣ ଏକମାତ୍ର ବିକଳ୍ପ ହୋଇପାରେ । ଅବଶ୍ୟ, ସେମାନଙ୍କ ପାଇଁ ମଦ୍ୟପାନରୁ ନିବୃତ୍ତ ରହିବା ସହିତ ଏକ କଠୋର ମାନଦଣ୍ଡ ପୂରଣ ହେବା ଆବଶ୍ୟକ ।

ପୂର୍ବାନୁମାନ – ମଦ୍ୟପାନ ହେପାଟାଇଟିସ୍ ରୋଗର ପୂର୍ବାନୁମାନ ରୋଗର ଗମ୍ଭୀରତା ଏବଂ ମଦ୍ୟପାନ ବନ୍ଦ କରିବାର କ୍ଷମତା ଉପରେ ନିର୍ଭର କରେ । ସାମାନ୍ୟ ମାମଲାଗୁଡ଼ିକ ନିବୃତ୍ତ ହେବା ସହିତ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇପାରେ, ଯେତେବେଳେ ଗୁରୁତର ରୋଗଗୁଡିକ ଚିକିତ୍ସା କରା ନ ଗଲେ ଦ୍ରୁତ ଅବନତି ଏବଂ ମୃତ୍ୟୁ ହୋଇପାରେ। ପ୍ରାରମ୍ଭିକ ନିରାକରଣ, ଜୀବନଶୈଳୀରେ ପରିବର୍ତ୍ତନ, ଏକ ସୁସ୍ଥ ତଥା ନିର୍ମଳ ପରିବେଶରେ ରହିବା ଏବଂ ଉପଯୁକ୍ତ ଚିକିତ୍ସକଙ୍କ ଦ୍ୱାରା ପ୍ରଦତ୍ତ ଚିକିତ୍ସାର ଅନୁକରଣ ଇତ୍ୟାଦି ମଦ୍ୟପାନକାରୀ ଷ୍ଟାଟୋହେପାଟାଇଟିସ୍ ରୋଗୀଙ୍କ ପାଇଁ ଫଳାଫଳକୁ ଯଥେଷ୍ଟ ଉନ୍ନତ କରିଥାଏ ।

ଆର ଥରକୁ ପରିବେଶ ପ୍ରଦୂଷଣ ଏବଂ ଅନ୍ୟ କୌଣସି ରୋଗ ମଧ୍ୟରେ କି ସମ୍ପର୍କ ଅଛି ସେ ସମ୍ପର୍କରେ ଚର୍ଚ୍ଚା କରିବା।

# ନିଶା



ପ୍ରସନ୍ନ କୁମାର ପାଇକରାୟ
ରାଜ୍ୟ ସମ୍ପାଦକ (ଓୟୁଜେ)
ଦୁରଭାଷା-୭୦୦୮୯୩୬୩୭୩

'ନିଶା' କହିଲେ ସାଧାରଣତଃ କୌଣସି ମାଦକ ଦ୍ରବ୍ୟ ସେବନ କରିଥିବା ମଣିଷର ବାଚାଳାମି ପରିସ୍ଥିତିକୁ ନେଇ ନିଶା ଶବ୍ଦଟି ଲୋକମାନଙ୍କ ମନକୁ ଆସେ ଯେ ତାକୁ ନିଶା ହୋଇଯାଇଛି, ସେ ନିଜର ହିତାହିତ ଜ୍ଞାନ ହରେଇ ବସିଛି। 'ନିଶା' ଅନେକ ପ୍ରକାରର ମଣିଷ ଆଶା ଠାରୁ ଅଧିକ କିଛି ପାଇବା ଆଶାରେ ଅତ୍ୟଧିକ ଅକ୍ଲାନ୍ତ ପରିଶ୍ରମ କରିବା ଏକପ୍ରକାର 'ନିଶା' ଯାହା ପାଇଁ ମଣିଷ ଅନେକ ସମୟରେ ଭୁଲ ବାଟକୁ ଚାଲିଯାଇଥାଏ । 'ନିଶା'- କୌଣସି ଅସାଧ କାର୍ଯ୍ୟକୁ ସାଧ କରିବାର ପ୍ରୟାସ 'ନିଶା' - କ୍ଷମତା ଅଧିକାର କରିବା, 'ନିଶା'- ଅତ୍ୟଧିକ ଅଧ୍ୟୟନ କରିବା ,'ନିଶା'-ପ୍ରେମ କରିବା 'ନିଶା' ରିଲସ କରି ବା ସେଲଫି ନେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା 'ନିଶା'- କିଛି ନୂତନ କରି ଦେଖାଇବା ଏକ 'ନିଶା' ଏହିପରି ଅନେକ 'ନିଶା' ମଣିଷ କରିବାର ପ୍ରୟାସ ଜାରୀ ରଖିଛି। ଆଜିର ସମାଜରେ ଏକ ମାରାତ୍ମକ 'ନିଶା' ହେଲା ମୋବାଇଲ ମାନିଆ ରିଲସ ବା ସେଲଫି । ସେଲଫି ନେବା ରିଲସ କରିବା ଏହାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ବର୍ତ୍ତମାନ ସମୟର ଏକ ପ୍ରକାର ଫ୍ୟାସନ ନିଶା ବନିଗଲାଣି। ସେଲଫି ନେବା ବା ରିଲସ କରିବା ସମୟରେ ନିୟମିତ ଅଘଟଣ ଘଟୁଥିବା ଓ ଜୀବନ ଯାଉଥିବା ଘଟଣା ମଧ୍ୟ ଦେଖିବାକୁ ଓ ଶୁଣିବାକୁ ମିଳୁଛି। ନିକଟରେ ଖୋର୍ଦ୍ଧା ନିକଟ ନିଜିଗଡ଼ ତାପଙ୍ଗ ବଡ଼ ସାଉଁଳି ମୁଣ୍ଡିଆ ପାଦଦେଶରେ ଥିବା ଗଭୀର ଜଳରାଶିରେ ଜଣେ ଉଚ୍ଚ ଶିକ୍ଷିତ ସ୍ଥାନୀୟ ଯୁବକଙ୍କ ଜୀବନ ଯିବାକୁ ନେଇ ଅନେକଙ୍କୁ ବିସ୍ମିତ ଏବଂ ମ୍ରିୟମାଣ କରିଥିଲା। ମୁଗୁନି ପଥର ପାହାଡ଼ରୁ ପଥର ସଂଗ୍ରହ କରିବା ପାଇଁ ମାଫିଆ ମାନେ ଡିନା ମାଇଟ ଲଗାଇ ପାହାଡ଼କୁ ୩୦୦ରୁ ୪୦୦ ଫୁଟ ଗଭୀର ପର୍ଯ୍ୟନ୍ତ ଗର୍ତ୍ତ କରିଦେଇଛନ୍ତି ଯେ ଏଠି ହାତୀ ବୁଡିଲେ ଚିତି ଦେଖା ଯିବନି ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଏହି ସ୍ଥାନରେ ବର୍ଷା ପାଣି ଜମି ରହି ଏକପ୍ରକାର ନୀଳ ହ୍ରଦର ଭ୍ରମ ସୃଷ୍ଟି କରୁଛି ସୁନ୍ଦର ମନୋରମ ଦୃଶ୍ୟରେ ଯାହାକି କାଶ୍ମୀରର ମିନି ଲଦାଖ ପରି । ଏହି ଦୃଶ୍ୟ ଅନେକଙ୍କୁ ଟାଣି ନେଇଥାଏ ତାପଙ୍ଗ ପାହାଡ଼ ପାଦଦେଶକୁ। ମୋବାଇଲ ଫୋନରେ ସେଲଫି ନେଇ ବା ରିଲସ କରି ନିଜ ବ୍ୟକ୍ତିଗତ ପ୍ରୋଫାଇଲରେ ଅପଲୋଡ଼ କରିବା ପାଇଁ ଆଜିର ସମୟର ଯୁବକ ଯୁବତୀଙ୍କ ଭିତରେ ଏକ ପ୍ରକାର ଅହେତୁକ ଦୃବଳତା ଓ ଆକର୍ଷଣ ବଢ଼ି ବଢ଼ି ଚାଲିଛି। ଫଟୋ ଗୁଡିକ ହ୍ୱାଟସଆପ, ଫେସବୁକ, ଇନଷ୍ଟାଗ୍ରାମରେ ପୋଷ୍ଟ କରିବା ଏକ ପ୍ରକାର ପ୍ରତିଯୋଗିତାରେ ପରିଣତ ହୋଇଯାଇଛି । ସୂଚନା ପ୍ରଯୁକ୍ତିର ଆଜିର ଯୁଗରେ ମୋବାଇଲ ଫୋନ ବା ସେଲଫି ବା ରିଲସର ଆବଶ୍ୟକତା ରହିଛି କିନ୍ତୁ ଆବଶ୍ୟକତା ଯଦି ପାଗଳାମୀର ରୂପ ନିଏ ତାହାହେଲେ ସବୁକିଛି ଶେଷ ହୋଇଯିବା ପାଇଁ ବେଶି ସମୟ ଲାଗିବ ନାହିଁ । ରିଲସ କରିବା ନିଶାରେ କାହିଁ କେତେ ଦୂରରୁ ଯୁବକ ଯୁବତୀ ମାନେ ଚାଲିଆସୁଛନ୍ତି ତାପଙ୍ଗ ବଡ଼ ସାଉଁଳି ପାହାଡ଼ା ନୀଳ ଜଳରାଶିକୁ। ସେହିପରି ସେଲଫି ଓ ରିଲସକୁ ନେଇ ଅନ୍ୟ ମାନଙ୍କ ସହ ତୁଳନା କରିବା ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଅସ୍ଥିରତା ଓ ଶାରୀରିକ ସମସ୍ୟାର ସମ୍ଭାବନା ସୃଷ୍ଟି କରୁଛି। ସେଲଫି ରିଲସ ନିଶାରେ ବିଗତ ଦିନରେ କେତେ ଜଣଙ୍କର ମୂଲ୍ୟବାନ ଜୀବନ ଯାଇଛି ବଡ଼ ସାଉଁଳି ଗଭୀର ଜଳରାଶିରେ। ସ୍ଥାନୀୟ ଜିଲ୍ଲା ପ୍ରଶାସନ ତାପଙ୍ଗ ନିକଟରେ ଥିବା ହାତିଆ, ବଡ ସାଉଁଳି , ଟାଙ୍ଗଣି ପାହାଡ଼ ଇତ୍ୟାଦି କୁ ୨୦୨୦ ମସିହା ଠାରୁ ନିଷିଧାଞ୍ଚଳ ଭାବେ ଘୋଷଣା କରି ଏଠାରେ ପ୍ରବେଶ ନିଷେଧ ବୋଲି ଲେଖି ଦେଇଥିବା ସତ୍ତ୍ୱେ ଉକ୍ତ ସ୍ଥାନକୁ ଅନେକ ସମୟରେ ଯୁବକ ଯୁବତୀ ରିଲସ କରିବା ନିଶାରେ ଅବାଧ ପ୍ରବେଶ କରିଥାନ୍ତି। ଗତ ମାସରେ ଘଟିଥିବା ଘଟଣା ସ୍ଥାନୀୟ ଯୁବକ ନିଜ ମା'କୁ ଏଇଠୁ ଆସୁଛି କହି ଭୁବନେଶ୍ୱରରୁ ଆସିଥିବା ବନ୍ଧୁ ମାନଙ୍କ ସହିତ ଉକ୍ତ ସ୍ଥାନକୁ ଯାଇ ଘରକୁ ଫେରି ନଥିଲା। ପାହାଡ଼ ପାଦଦେଶ ନୀଳ ଜଳରାଶିର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତିଛବି ଉତ୍ତୋଳନ କରି ରିଲସ କରିବା ସମୟରେ ଦୁଇ ଜଣଙ୍କର ଗୋଡ଼ ଖସି ଯିବାରୁ ସେମାନେ ପାଣିରେ ବୁଡି ଯାଇଥିଲେ ସେମାନଙ୍କୁ ଉଦ୍ଧାର କରି ଶେଷରେ ନିଜେ ବୁବୁନ ଜଳରାଶି ମଧ୍ୟ ଭାଗକୁ ଚାଲିଯାଇଥିଲା। ଉପସ୍ଥିତ ସାଙ୍ଗ ମାନେ ତାକୁ ଉଦ୍ଧାର କରିପାରିନଥିଲେ ଯାହା ଫଳରେ ଏକ ମୂଲ୍ୟବାନ ଜୀବନ ଗଭୀର ଜଳରାଶି ମଧ୍ୟରେ ଚାଲିଯାଇଥିଲା। ସାଙ୍ଗ ମାନଙ୍କ ସହିତ ରିଲସ କରିବା ନିଶାରେ ଏକ ମା'ର କୋଳ ଶୂନ୍ୟ ହୋଇଗଲା। ବୁବୁନର ମୃତଦେହ ଉଦ୍ଧାର ପାଇଁ ଦମକଳ ବିଭାଗ, ଓଡ୍ରାଫ ଟିମ୍, ସ୍କୁବା ଡ୍ରାଇଭର ତିନି ଦିନ ଧରି ଗଭୀର ଜଳରାଶିରେ ଖୋଜି ଖୋଜି ଉଦ୍ଧାର କରିପାରି ନଥିଲେ। ଏଥିନେଇ ସ୍ଥାନୀୟ ପ୍ରଶାସନକୁ ନାକେଦାମ ହେବାକୁ ପଡିଥିଲା। ଚାରିଦିନ ପରେ ସକାଳୁ ବୁବୁନର ମୃତଦେହ ପାଣିରେ ଭାସୁଥିବା ଅବସ୍ଥାରେ ପ୍ରଶାସନ ଉଦ୍ଧାର କରିଥିଲା। ସାମାଜିକ ଗଣମାଧ୍ୟମରେ ନିଜର ପ୍ରଚାର ପ୍ରସାର ପାଇଁ ଆଜିର ଯୁବସମାଜ ଠାରୁ ଆରମ୍ଭ କରି ଆଣ୍ଡ୍ରଏଡ୍ ମୋବାଇଲ ଫୋନ ବ୍ୟବହାର କରୁଥିବା ଅନେକ ଲୋକ ନିଜର ମାନବିକତା ଭୁଲି ଚଳନ୍ତା ଟ୍ରେନ, ଉଚ୍ଚ ଅଟାଳିକା, ବିଦ୍ୟୁତ ଖୁଣ୍ଟ, ମୋବାଇଲ ଟାୱାର ଠାରୁ ଆରମ୍ଭ କରି ଭୟଙ୍କର ଜୀବଜନ୍ତୁ , ସମୁଦ୍ର ଜୁଆର, ବାତ୍ୟା, ବନ୍ୟା, ଅନେକ ଆକର୍ଷଣୀୟ ଲାଗୁଥିବା ବିପଦ ଜନକ ପରିସ୍ଥିତିରେ ଦୁର୍ଘଟଣା ଘଟିଥିବା ସ୍ଥାନ ଏପରି କି ମୃତବ୍ୟକ୍ତିଙ୍କ ଶବଧାରରେ ମଧ୍ୟ ରିଲସ କରିବା ଓ ସେଲଫି ନିଶାରେ ଉଦ୍ୟମ କରି ଯେଉଁ ଅଭାବନୀୟ ଘଟଣା ଘଟାଉଛନ୍ତି ତାହା ଆମ ସମସ୍ତଙ୍କୁ ଜଣା। ସେଲଫି କ୍ରେଜ ଓ ରିଲସ ନିଶା ଧାରା କ୍ୟାନସର ପରି ମାଡ଼ି ଚାଲିଛି ତାହା ଜଣଙ୍କର ମାନସିକତାକୁ ରୁଗଣ କରୁଛି ନିଶ୍ଚିତ। ସେଲଫି ନିଅନ୍ତୁ ବା ରିଲସ କରନ୍ତୁ କେହି ମନା କରୁନାହାନ୍ତି କିନ୍ତୁ ଏହି ମାୟାମୃଗ ପଛରେ ପଡ଼ି ନିଜର ମୂଲ୍ୟବାନ ଜୀବନ ଓ ସମୟ ନଷ୍ଟ କରନ୍ତୁ ନାହିଁ। ବାହାଦୂରୀ ନେବାପାଇଁ ବିପଦଜ୍ଜନକ ସ୍ଥାନରେ ସେଲଫି ବା ରିଲସ କରନ୍ତୁ ନାହିଁ।

ଦ୍ୱିତୀୟ ନିଶାଟି ହେଲା କ୍ଷମତା 'ନିଶା'- ମହାଭାରତ ଯୁଗରୁ ଏ କ୍ଷମତା ନିଶାଟା ରାଜା ରାଜୁଡା ଓ ସମ୍ରାଟଙ୍କ ଶାସନ ଯାଏଁ ତା'ର କାୟା ବିସ୍ତାର କରି ଆସିଛି। ଯୁଗେ ଯୁଗେ କ୍ଷମତା 'ନିଶା' ମଣିଷକୁ ପାଗଳ କରି ଆସିଛି। କ୍ଷମତା ନିଶାରେ ବାପ- ପୁଅ, ଭାଇ -ଭାଇ ପରିବାର ମଧ୍ୟରେ କେତେ ହିଂସା, ସଂଘର୍ଷ ଓ ରକ୍ତପାତ ଘଟିଛି। କ୍ଷମତା ନିଶା ମଣିଷକୁ ଅନ୍ଧ ଓ ଅହଙ୍କାରୀ କରିଦିଏ ତାର ବିଚାର ବୁଦ୍ଧିକୁ ନଷ୍ଟ କରିଦିଏ ତାକୁ ଅମଣିଷ ବା ପଶୁ ସଜେଇ ଦିଏ। ମୋଗଲ ଶାସନରେ ଭାଇ ଭାଇକୁ ହତ୍ୟା ଓ ପୁଅ ବାପକୁ ବନ୍ଦୀ କରି କାରାଗୃହରେ ରଖିବା ଭଳି ଘଟଣା ବି ଘଟିଥିବା ଇତିହାସ କହୁଛି। ଏବେ ଅନେକ ରାଷ୍ଟ୍ରରେ କ୍ଷମତା ନିଶାରେ ବର୍ଷ ବର୍ଷ ଧରି ରକ୍ତପାତ ଯୁଦ୍ଧ ଲାଗି ରହିଛି। ସତରେ କ୍ଷମତାର ନିଶା ଦୁନିଆର ସବୁ ନିଶା ଠାରୁ ବଡ଼ 'ନିଶା'। କ୍ଷମତା 'ନିଶା' ପଛରେ ଥରେ ପଡିଗଲେ ସେଥିରୁ ଆଉ ମୁକ୍ତି ମିଳେନା। ରାବଣ, କଂସ ଓ ଦୁର୍ଯ୍ୟୋଧନଙ୍କ ଭଳି ଶାସକ ମାନେ କ୍ଷମତା ନିଶାରେ ଅଶେଷ କ୍ଷମତାର ଅଧିକାରୀ ହୋଇ ଧରାକୁ ସରା ମନେ କରୁଥିଲେ। ଆଜିକାଲିକା ସମୟରେ ଏହି କ୍ଷମତାର 'ନିଶା' ବି ଆମ ସମାଜରେ ବଳବତ୍ତର ରହିଛି। ବର୍ତ୍ତମାନ ସମୟରେ ରାଜନୀତି କରୁଥିବା ରାଜନେତାଙ୍କ ମଧ୍ୟରୁ ଅଧିକାଂଶ ଏହି କ୍ଷମତା ନିଶାରେ ଏବେ ଉବୁଟୁବୁ ହେଉଛନ୍ତି। ବର୍ତ୍ତମାନ ରାଜନୀତି ନୀତି ନିୟମ ବିବର୍ଜିତ ହୋଇଥିବାରୁ ଏହି ନୀତିକୁ ଆପଣାଇ ନେବାକୁ ଖୁବ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି।

ତୃତୀୟ 'ନିଶା' ହେଲା ଲକ୍ଷ୍ୟ-ଏକ ଘଟଣା କ୍ରମରେ ଜଣେ ପକ୍ଷୀ ଶିକାରୀ ସବୁଦିନ ନିଜର ଶିକାର କରିବା ପାଇଁ ଜଙ୍ଗଲକୁ ଯାଇଥାଏ। ଦିନେ ଶିକାରୀଟି ଜଙ୍ଗଲ ମଧ୍ୟରେ ଏକ ବୃକ୍ଷରେ ବସିଥିବା ପକ୍ଷୀକୁ ଧରିବା ନିଶାରେ ନିଜର କାଣ୍ଡ କାଠି ଗୁଡ଼ିକ ଗୋଟେ ପରେ ଗୋଟେ ଯୋଡ଼ି ଚାଲିଥାଏ ଏକ ଲକ୍ଷ୍ୟରେ। ଠିକ ଏହି ସମୟରେ ଜଣେ ରାଜା ଯୁଦ୍ଧ ବିଜୟ ଶୋଭା ଯାତ୍ରାରେ ବୀର ବାଦ୍ୟ କାହାଳୀ ବଜାଇ ସୈନ୍ୟ ସାମନ୍ତ ସହ ସେହି ରାସ୍ତା ଦେଇ ଅତିକ୍ରମ କରିଥିଲେ। କିଛି ସମୟ ପରେ ରାଜାଙ୍କର ଏକ ଆହତ ସୈନ୍ୟ ସେହି ରାସ୍ତାରେ ଫେରିବା ସମୟରେ ରାଜାଙ୍କ ଗସ୍ତ ସମ୍ପର୍କରେ ଜାଣିବା ପାଇଁ ଶିକାରୀ ଉପରେ ତାଙ୍କର ନଜର ପଡ଼ିଲା ସେ ଶିକାରୀ ନିକଟକୁ ଯାଇ ରାଜାଙ୍କର ବିଜୟ ଶୋଭାଯାତ୍ରା ସମ୍ପର୍କରେ ଯିବାର ଦେଖିଛ କି, ଉତ୍ତରରେ ଶିକାରୀ କହିଲା ମୁଁ ମୋ ଶିକାର କରିବା ଲକ୍ଷ୍ୟରେ ରହିଛି। ଏ ରାସ୍ତାରେ କିଏ ଯାଇଛନ୍ତି ମୁଁ ଦେଖିନାହିଁ। ଶିକାରୀଟି ନିଜର ଶିକାର କରିବାର ନିଶାରେ ଏତେ ମଗ୍ନ ରହିଥିଲା ଯେ ରାଜାଙ୍କର ବୀର ବାଦ୍ୟ କାହାଳୀ ତାର କର୍ଣ୍ଣ ସ୍ପର୍ଶ କରିପାରି ନଥିଲା।

ଚତୁର୍ଥ 'ନିଶା' ପ୍ରେମ କରିବା- ଆଜିର ସମାଜରେ ଏହା ଏକ ବ୍ୟାଧି ପରି ମାଡିଚାଲିଛି। ପ୍ରେମ କରିବା ବା ଭଲ ପାଇବା ଆଜିର ସମାଜରେ ପବିତ୍ର ସମ୍ପର୍କ ହୋଇ ରହିନାହିଁ। ପ୍ରେମ କରିବା ବା ଭଲ ପାଇବା ଆଜିର ଯୁବ ସମାଜ ପାଇଁ ଏକ କ୍ରେଜ ହୋଇଯାଇଛି। ଶିକ୍ଷାନୁଷ୍ଠାନରୁ ଆରମ୍ଭ କରି କର୍ପୋରେଟ ସେକ୍ଟର ପର୍ଯ୍ୟନ୍ତ ସବୁଠି ନାରୀ ତାର ପୁରୁଷ ବନ୍ଧୁର ପ୍ରେମ ପ୍ରତାରଣାର ଲାଞ୍ଛଣାରେ ଶିକାର ହେଉଛି। ଏପରିକି ନାରୀଟି ନିଜ ପୁରୁଷ ବନ୍ଧୁଙ୍କ ଦ୍ୱାରା ଗଣ ବଳାତ୍କାରର ଶିକାର ହୋଇ ନିଜର ଜୀବନ ହାରୁଛି ତ କେଉଁଠି ଜୀବନରେ ମାରି ଦେବାକୁ ପଛାଉ ନାହିଁ ତା ପ୍ରେମିକ ପୁରୁଷ ବନ୍ଧୁ। ଏଠି ଛଳନା ପ୍ରେମ ନିଶାରେ ପୁରୁଷ ବନ୍ଧୁଙ୍କ ପାଇଁ ବିବାହିତ ମହିଳାଟି ନିଜ ସ୍ୱାମୀକୁ ମାରିବାକୁ ପଛାଉ ନାହିଁ। ପରକ୍ରିୟା ପ୍ରୀତି ନିଶାରେ ପୁରୁଷଟି ସାତ ଜନ୍ମକୁ ସାଥି କରିଥିବା ନିଜର ଧର୍ମ ପତ୍ନୀକୁ ମାରିବାର ଅନେକ ନଜିର ରହିଛି। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପ୍ରେମ ନିଶା ଏପରି ଭୟାନକ ରୂପ ନିଏ ଯେ ମା' ନିଜର ଜନ୍ମିତ କୋମଳମତି ଶିଶୁକୁ କୂଅ ବା ନଦୀରେ ପକାଇ ପ୍ରେମିକ ସହିତ ପଳାଇଯିବାର ଘଟଣା ସମାଜରେ ଘଟିଚାଲିଛି। ପ୍ରେମ ନିଶାଟି ଏତେ ଭୟଙ୍କର ଯେ ଅନେକ ସମୟରେ ଘଟଣାକୁ ନେଇ ହଣା କଟା, ଜେଲ ଯିବା ସହିତ ଅନେକ ପରିବାର ଛାରକାର ହେଇଯାଉଛି। ଏବେ ବି ସମୟ ଅଛି ମଣିଷ ଜୀବନରେ କୌଣସି ଅଘଟଣ ଘଟିବା ପୂର୍ବରୁ ସତର୍କ ରହି ମରୀଚିକା ପଛରେ ନ ଗୋଡେଇ ନିଜ ଜୀବନପ୍ରତି ଯତ୍ନବାନ ହେବା ଉଚିତ। ପ୍ରତ୍ୟେକ ନିଶା ଏପରି ହେଉ ଯାହା ନିଜର ଏବଂ ସମାଜର କଲ୍ୟାଣରେ ହିତ ସାଧାନ ହୋଇପାରିବ।

# ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

## ସତ୍ୟ ଭାଗବତ

### ପ୍ରଥମ ଅଧ୍ୟାୟ

**ହେ ଭଗବାନ**
ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**

ଆମ୍ଭାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆମ୍ଭାକୁ କଷ୍ଟ ହେଲା ଯେଣୁ
ଆମ୍ଭାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ତ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ତ ସମପିସ୍ତ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତ ରଖି
ଦେଉଛି ଆହେ ନନ୍ଦବସ୍ତି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# ଛୋଟ ପରିବାର



ଡ଼ ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
୯୭୭୮୭୬୪୩୯୪

କିଛି ଦିନ ପୂର୍ବରୁ ସହରରେ ଘର ଭଡ଼ା ଖୋଜିବା ଅବସରରେ ଜଣେ ବୟସ୍କ (ବରିଷ୍ଠ ନାଗରିକ) ଲୋକଙ୍କ ସହିତ ଘର ନେବା ପାଇଁ ସ୍ଥିର ହେଲା । ଘରଭଡ଼ା ଆଡ଼ଭାନ୍ସ, ବିଦୁତ, ପାଣି ବିଲ ଆଦି ବିଷୟରେ ଆଲୋଚନା ସରିବା ପରେ ସିଏ ମୋତେ ପଚାରିଲେ ଆପଣଙ୍କ ପରିବାରରେ କେତେଜଣ ସଦସ୍ୟ ? ମୁଁ କହିଲି ଆଜ୍ଞା ! ମୁଁ, ମୋର ସ୍ତ୍ରୀ, ୨ଟି ପିଲା ଏବଂ ମୋ ବାପା ଆଉ ମା । ସିଏ ଏ କଥା ଶୁଣୁ ଶୁଣୁ ମୋତେ କହିଲେ ଆପଣଙ୍କୁ ମୋ ଘର ଭଡ଼ା ଦେବି ନାହିଁ । କାରଣ କ'ଣ ପଚାରିବାରୁ କହିଲେ ମୋର ସ୍ମଲ ଫ୍ୟାମିଲି (ଛୋଟ ପରିବାର) ଦରକାର । ମୁଁ କହିଲି ମୁଁ ତ ତିନିଟି କୋଠରୀ ଥିବା ଘର ନେବି ଅସୁବିଧା କେଉଁଠି ? ସିଏ କହିଲେ ତୁମ ବାପା, ମା' ବୁଢ଼ା ବୁଢ଼ୀ ହେଲେଣି । ରୋଗରେ ପଡ଼ିବାର ଭୟ ଅଛି । ତାଛଡ଼ା ସେମାନଙ୍କୁ ଭେଟିବାକୁ ଲୋକମାନେ ଆସି ଗହଳି କରିବେ । ମୋତେ ସେଗୁଡ଼ାକ ପସନ୍ଦ ନୁହେଁ । ହଠାତ୍ ରାଗରେ ମୋ ପାଟିରୁ ବାହାରିଗଲା ଆଉ ସେହି ନ୍ୟାୟରେ ଆପଣ ସ୍ୱାମୀ, ସ୍ତ୍ରୀ ଦୁଇଜଣ ନିଜ ପିଲାମାନଙ୍କ ଠାରୁ ଦୂରରେ ରହୁଛନ୍ତି। ସେମାନେ ବର୍ଷକୁ ଥରେ ଅଧେ ଆସୁଛନ୍ତି ନା ନାହିଁ ? ଏତକ କହି ସାରି ତଳେ ଆସି ଗାଡ଼ି ଷ୍ଟାର୍ଟ କରୁଛି ଘର ମାଲିକ ଆସି କହିଲେ ପୁଅ ! ତୁମେ ହିଁ ଆମ ଘରେ ରହିବ । ପରେ ପରେ ଜାଣିଲି ତାଙ୍କ ପିଲାମାନେ କେହି ତାଙ୍କ ପାଖରେ କିମ୍ବା ସେ ସହରରେ ରୁହନ୍ତି ନାହିଁ । ବର୍ଷକୁ ଥରେ ଅଧେ ଆସନ୍ତି ମୋବାଇଲ୍ କଥାବାର୍ତ୍ତାରେ ସେମାନେ ନିଜ ନିଜର ଦାୟିତ୍ୱ ନିଭାଇ ଦେଇ ଥାଆନ୍ତି । ବୁଢ଼ା ବୁଢ଼ୀ ଦୁଇଜଣ ଚାକର ଚାକରାଣୀ ରଖି ଚଳନ୍ତି । ପାର୍କ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ସମୟ ବିତାନ୍ତି । ଯେହେତୁ ସେମାନେ ସମ୍ପୂର୍ଣ୍ଣ ପରିବାରର ସ୍ୱାଦ ଚାଖୁ ଚାଖୁ ଏଥିରୁ ବଞ୍ଚିତ ତେଣୁ ସମ୍ପୂର୍ଣ୍ଣ ପରିବାରକୁ ସହିବା ସେମାନଙ୍କ ପାଇଁ କଷ୍ଟକର ବ୍ୟାପାର। ଭାରତୀୟ ସମାଜରେ ଯେତେବେଳେ ଶିଳ୍ପ ବିପ୍ଳବ ଆରମ୍ଭ ହେଲା ସେତେବେଳେ ଗାଁ ଲୋକମାନେ କାମ ଧନ୍ଦା ଆଶାରେ ସ୍ତ୍ରୀ ପିଲା ଛୁଆଙ୍କୁ ଧରି ସହରାଭିମୂଖୀ ହେଲେ ଫଳରେ ଗାଁ ମାନଙ୍କରେ ଯୌଥ ପରିବାର ଗୁଡ଼ିକ ଭାଙ୍ଗି ସହରାଞ୍ଚଳ ମାନଙ୍କରେ ଏକାନ୍ନବର୍ତ୍ତୀ ପରିବାର ଗୁଡ଼ିକ ଗଢ଼ି ଉଠିଲା ଏବଂ ଗାଁରେ ବୟସ୍କ ମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଲା।

ଗାଁରେ ବାପା ମା'ଙ୍କ ପାଖକୁ ପଇସା ପଠାଇଦେଇ ସେମାନେ ଭାବିଲେ ସମସ୍ତ କର୍ତ୍ତବ୍ୟ ସମ୍ପନ୍ନ ହୋଇଗଲା। ତେବେ ସମୟ କ୍ରମେ ଯେତେବେଳେ ଉଭୟ ସ୍ୱାମୀ ସ୍ତ୍ରୀ ଚାକିରିଆ ହୋଇ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଲେ ସେତେବେଳେ ସେମାନଙ୍କ ପିଲା ଛୁଆମାନଙ୍କର ଯତ୍ନ ନେବା ପାଇଁ କେଉଁଠି ଆୟା ରଖିଲେ ତ ଆଉ କେଉଁଠି କ୍ରେଚ୍ ମାନଙ୍କୁ ପଠାଇବା ଆରମ୍ଭ କଲେ । ଆଉ କିଛି ଲୋକ ଭାବିଲେ ବାହାର ଲୋକମାନଙ୍କୁ କାହିଁକି ରଖିବା ବରଂ ଘର ଲୋକ ଆହୁରି ଭଲ ଭାବେ ପିଲା ମାନଙ୍କର ଯତ୍ନ ନେବେ । ଏକଥା ଭାବି ସହରାଞ୍ଚଳରେ ପୁଣି ଯୌଥ ପରିବାର ସଂଖ୍ୟା ବଢ଼ିବାର ଦେଖା ଗଲାଣି ।

ପୂର୍ବରୁ ଲୋକମାନଙ୍କର ପିଲାଛୁଆ ଅଧିକ ଥିବାରୁ ତାହା କେବଳ ରାଷ୍ଟ୍ରର ଅର୍ଥନୀତିକୁ ପ୍ରଭାବିତ କରୁନଥିଲା ବରଂ ସାମାଜିକ ସ୍ଥିରତାରେ ପ୍ରତିବନ୍ଧକ ଆଣୁଥିଲା । ଯାହାକୁ ଲକ୍ଷ୍ୟ କରି ଭାରତ ୧୯୫୨ ମସିହାରେ ଜାତୀୟ ଜନସଂଖ୍ୟା ନୀତି ପ୍ରଣୟନ କରିଥିଲା । ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ଏହାର ମୂଖ୍ୟ ଲକ୍ଷ୍ୟ ଥିଲା। ଯାହା ଫଳରେ ଏହାକୁ ନ୍ୟାସନାଲ ଫ୍ୟାମିଲି ପ୍ଲାନିଂ ପ୍ରୋଗ୍ରାମ (ଜାତୀୟ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମ) ଭାବେ ଅଭିହିତ କରାଗଲା । ୧୯୭୫ ମସିହାରେ ଦେଶରେ ଜରୁରୀ ପରିସ୍ଥିତି ଜାରି ସମୟରେ ଯେତେବେଳେ ଲୋକମାନଙ୍କୁ ଜନ୍ମ ନିୟନ୍ତ୍ରଣ ପଦ୍ଧତି ଆପଣେଇବାକୁ ବାଧ୍ୟ କରାଗଲା ସେତେବେଳେ ଏହି କାର୍ଯ୍ୟକ୍ରମ ଅନେକ ବିରୋଧାଭାଷର ସମ୍ମୁଖିନ ହେଲା । ପରବର୍ତ୍ତୀ ସମୟରେ ବିଚାର କରାଗଲା ଯେ ଯଦି ଆମେ ପରିବାର ଗୁଡ଼ିକର ଗୁଣବତ୍ତା ବଜାୟ ରଖିବା ତେବେ ସେଠାରେ ସ୍ୱତଃ ଜନସଂଖ୍ୟା ନିୟନ୍ତ୍ରଣ ହୋଇ ପାରିବ । ତେଣୁ ଟୀକାକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ ଆଦି ଗୁଡ଼ିକ ପ୍ରଧାନ୍ୟ ଦିଆଯାଇ ଉକ୍ତ କାର୍ଯ୍ୟକ୍ରମକୁ ୧୯୭୭ ମସିହାରେ 'ଜାତୀୟ ପରିବାର କଲ୍ୟାଣ କାର୍ଯ୍ୟକ୍ରମ' ଭାବେ ପୁନଃ ନାମକରଣ କରାଗଲା। ଧିରେଧିରେ ଆମ ସମାଜରେ ଥିବା 'ଆମେ ଦୁଇ ଆମର ଦୁଇ ନାରା ପରିବର୍ତ୍ତନ ହୋଇ ଆମେ ଦୁଇ ଆମର ଏକ' ଏବଂ ବର୍ତ୍ତମାନ ପରିପ୍ରେକ୍ଷୀରେ 'ଆମେ ଦୁଇ ଆମର ନାହିଁ' ଏବଂ ଅନ୍ୟ ପିଲାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ଇଚ୍ଛା ବଢ଼ିବାରେ ଲାଗିଲାଣି । ତେବେ ଉକ୍ତ ତିନିଟି ସ୍ଲୋଗାନର ନିଜସ୍ୱ ପ୍ରାସଙ୍ଗିକତା ରହିଛି । ସ୍ଥାନ କାଳ ପାତ୍ର ଭେଦରେ ଛୋଟ ପରିବାରର ସଠିକ ସଜ୍ଞା ନିରୁପଣ କରିବାର ସମୟ ଉପଗତ ଏବଂ ଏଥିପାଇଁ ସମସ୍ତ ସ୍ତରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଅକ୍ଷର ପଟେଲ ହେବେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ !



**ନୂଆଦିଲ୍ଲୀ**

ଆଇପିଏଲ ୨୦୨୫ ମେଗା ନିଲାମ୍ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ସମୁଦାୟ ଚାରିଜଣ ଖେଳାଳିଙ୍କୁ ରିଟେନ କରିଥିଲା। ଏହି ୪ ଖେଳାଳିଙ୍କ ନାମ ଅକ୍ଷର ପଟେଲ, ଟ୍ରିଷ୍ଟନ ଷ୍ଟବ୍ସ, ଅଭିଷେକ ପୋରେଲ ଏବଂ କୁଲଦୀପ ଯାଦବ। ନିଲାମର ତାରିଖ ପାଖେଇ ଆସୁଛି ଏବଂ ରିଷଭ ପନ୍ତଙ୍କ ରିଲିଜ୍ ପରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଦିଲ୍ଲୀ ଫ୍ରାଞ୍ଚାଇଜ କେଉଁ ଖେଳାଳିଙ୍କୁ ଏହାର ଅଧିନାୟକ କରିବ। ବର୍ତ୍ତମାନ ଏକ ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଅକ୍ଷର ପଟେଲଙ୍କୁ ଦିଲ୍ଲୀର ଅଧିନାୟକ କରାଯିବ ବୋଲି ଦାବି କରାଯାଇଛି।

ମିଡିଆ ରିପୋର୍ଟ ଅନୁଯାୟୀ, ଅକ୍ଷର ପଟେଲ ଆସନ୍ତା ସିଜନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକତ୍ୱ ଗ୍ରହଣ କରିପାରନ୍ତି। ଆଇପିଏଲ ୨୦୨୪ରେ ଯେତେବେଳେ ରିଷଭ ପନ୍ତଙ୍କୁ ସ୍ଲୋ ଓଭର ରେଟ୍ ହେତୁ ଆରସିବି ବିପକ୍ଷ ମ୍ୟାଚ୍‌ରୁ ତିନିଥର ନିଲମ୍ବିତ କରାଯାଇଥିଲା, ସେତେବେଳେ ଅକ୍ଷର ପଟେଲ ପନ୍ତଙ୍କ ସ୍ଥାନରେ ଦିଲ୍ଲୀ ଅଧିନାୟକତ୍ୱ କରିଥିଲେ। ଆଗାମୀ ସିଜନ୍ ପାଇଁ ଅକ୍ଷର ପଟେଲଙ୍କୁ ୧୬.୫ କୋଟି ଟଙ୍କା ରିଟେନ କରାଯାଇଛି। ତେଣୁ ସେ ମଧ୍ୟ ଦିଲ୍ଲୀର ସବୁଠାରୁ ଦାମୀ ଖେଳାଳି ଅଟନ୍ତି। ଏହା ମଧ୍ୟ ଏକ ସୂଚକ ଯେ ଦିଲ୍ଲୀ ଫ୍ରାଞ୍ଚାଇଜ ଅକ୍ଷରରେ ଆତ୍ମବିଶ୍ୱାସ ଫେରାଇବାକୁ ପ୍ରସ୍ତୁତ।

# ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜ ଦେଲେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍

**ନୂଆଦିଲ୍ଲୀ**

ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍ ପୂର୍ବରୁ ଅଷ୍ଟ୍ରେଲିଆକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର। ନଭେମ୍ବର ୨୨ରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୫ ଟିକିଆ ଟେଷ୍ଟ ସିରିଜ୍ ଆରମ୍ଭ ହେବ। ଏଥିପାଇଁ କିଛି ଖେଳାଳି ରବିବାର ଠାରୁ ଅଷ୍ଟ୍ରେଲିଆ ଯାଇଥିବା ବେଳେ ସୋମବାର ଗମ୍ଭୀର ଓ ଅନ୍ୟମାନେ ଉଡ଼ାଣ ଭରିଛନ୍ତି। ଏହାପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀର ସିଧାସଳଖ ପିଚ୍‌କୁ ନେଇ ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜ ଦେଇଛନ୍ତି। ଅଷ୍ଟ୍ରେଲିଆ ତା' ନିଜ ଇଚ୍ଛାରେ ପିଚ୍ ପ୍ରସ୍ତୁତ କରୁ। ଭାରତୀୟ ଖେଳାଳିମାନେ ବେଶ୍ ଭଲ ଭାବେ ସବୁ ପ୍ରକାରର ଓ୍ୱିକେଟକୁ କାଉଣ୍ଟର କରିବାର କଳା ଶିଖିଛନ୍ତି ବୋଲି ଗମ୍ଭୀର କହିଛନ୍ତି।



ଗମ୍ଭୀର କହିଛନ୍ତି, "ଅଷ୍ଟ୍ରେଲିଆ ପକ୍ଷରୁ ପ୍ରସ୍ତୁତ ହେବାକୁ ଥିବା ପିଚ୍‌କୁ ମୁକାବିଲା କରିବା ପାଇଁ ଭାରତୀୟ ଖେଳାଳି ନିଜକୁ ପ୍ରସ୍ତୁତ କରିଛନ୍ତି। ଆମେ ଓ୍ୱିକେଟକୁ ନିୟନ୍ତ୍ରଣ କରିପାରିବୁ ନାହିଁ। ଆମେ ସବୁ ପ୍ରକାରର ଓ୍ୱିକେଟ ପାଇଁ ପ୍ରସ୍ତୁତ। ସେମାନେ ନିଜ ଇଚ୍ଛାରେ ଆମକୁ କ'ଣ ଦେବାକୁ ଚାହୁଁଛନ୍ତି, ତା'ର ନିଷ୍ପତ୍ତି ନେବେ। ଆମେ ସବୁ ପ୍ରକାରର ପରିବେଶକୁ ମୁକାବିଲା କରିବା ପାଇଁ ମାନସିକସ୍ତରରେ ପ୍ରସ୍ତୁତ ହୋଇ ରହିଛୁ। ଯଦି ଆମେ ଆମ ଦକ୍ଷତାର ସହ କ୍ରିକେଟ ଖେଳିବୁ, ତା'ହେଲେ ସେମାନଙ୍କୁ ହରାଇ ପାରିବୁ।"

ଭାରତୀୟ ଟିମ୍‌ର ଖେଳାଳିମାନେ ପ୍ରଥମ ଟେଷ୍ଟର ପ୍ରାୟ ୧୦ ଦିନ ପୂର୍ବରୁ ଅଷ୍ଟ୍ରେଲିଆରେ ପହଞ୍ଚିବେ। ଏହି ସମୟରେ ପର୍ଥର ପରିବେଶ ଓ ପିଚ୍ ସହ ଖେଳାଳିମାନେ ନିଜକୁ ଖାପଖୁଆଇ ପାରିବେ। ଭାରତୀୟ ଟିମ୍ ନିକଟରେ ଘରୋଇ ମାଟିରେ ନ୍ୟୁଜିଲ୍ୟାଣ୍ଡ ଠାରୁ ୦-୩ରେ ହାରିଥିଲା। ଏହାକୁ ନେଇ କୋଚ୍ ଗମ୍ଭୀର ଓ ଖେଳାଳିମାନେ ଅତିରିକ୍ତ ଚାପରେ ରହିଛନ୍ତି।

ଗମ୍ଭୀର କହିଛନ୍ତି, "ଯଦି ୧୦ ଦିନ ମଧ୍ୟରେ ଆମେ ଭଲ ଭାବେ ପ୍ରସ୍ତୁତି କରିବୁ। ତା'ହେଲେ ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ କରିପାରିବୁ। ଅଷ୍ଟ୍ରେଲିଆରେ ଏକାଧିକ ଥର ଖେଳିଥିବା ଅଭିଜ୍ଞ ଖେଳାଳିମାନେ ଆମ ସହ ରହିଛନ୍ତି। ତେଣୁ ସେମାନଙ୍କ ଅଭିଜ୍ଞତା ଆମକୁ ଫାଇଦା ଦେବ। ଯୁବ ଖେଳାଳିମାନେ ମଧ୍ୟ ଏଥିରୁ ଲାଭ ପାଇପାରିବେ।"

## ଖୋର୍ଦ୍ଧା ଜିଲ୍ଲା ଇଣ୍ଟ୍ରା କ୍ଲବ୍ କ୍ରିକେଟ୍

# ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ବିଜୟୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କ୍ରିକେଟ୍ ଆସୋସିଏସନ୍ ଅଫ ଦି ଦିଷ୍ଟ୍ରିକ୍ଟ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ସିନିୟର୍ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନି ଷ୍ଟାଡ଼ିୟମରେ ସପ୍ତମ ଦିବସରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ କେ.ଟି ଗ୍ଲୋବାଲ କ୍ରିକେଟ୍ କ୍ଲବ୍‌କୁ ୭ ଓ୍ୱିକେଟରେ ପରାସ୍ତ କରିଛି। ଟସ୍ ଜିତି କେ.ଟି ଗ୍ଲୋବାଲ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪୫ ଓଭରରେ ୮ ଓ୍ୱିକେଟ ହରାଇ ୧୮୪ ରନ୍ କରିଥିଲା। ଦଳ ପକ୍ଷରୁ ତୁହିନାନ୍‌ସୁ ଅପରାଜିତ ୫୩ ରନ୍, ଓ୍ୱିସ୍ ଦତ୍ତ ୩୧ ରନ ଓ ଇଭାନ କଳାପାହାଡ଼ ୨୨ରନ୍ କରିଥିଲେ। ଖୋର୍ଦ୍ଧା କ୍ରିକେଟ୍ କ୍ଲବ ପକ୍ଷରୁ ଓମ୍ ନାରାୟଣ ଓ ସୁମିତ୍ ମହାରଣା ପ୍ରତ୍ୟେକ ୨ଟି ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ଏକ ସମୟରେ ୫୭ ରନ୍‌ରେ ୩ ଓ୍ୱିକେଟ ହରାଇଥିବା ବେଳେ ଏମ୍. ସନ୍ତୋଷ ଦୋରାଙ୍କ ଅପରାଜିତ ୧୧୩ ରନ ଓ ତାରିଣୀ ନାୟକଙ୍କ ଅପରାଜିତ ୩୯ ରନ ସହ ଅସମାପ୍ତ ୪ର୍ଥ ଓ୍ୱିକେଟ ଯୋଡ଼ିରେ ୧୩୦ ରନ୍ କରି ୩୩ ଓଭର୍‌ରେ ଦଳକୁ ବିଜୟୀ କରାଇଥିଲେ। ବିସ୍ମୟ ସାହୁ ୨୫ ରନ କରିଥିଲେ। କେ.ଟି ଗ୍ଲୋବାଲ କ୍ରିକେଟ୍ କ୍ଲବ ତରଫରୁ ବର୍କତୁଲାହ୍ ୨ଟି ଓ୍ୱିକେଟ ନେଇଥିଲେ। ଏହି ମ୍ୟାଚ୍‌କୁ ପ୍ରଦୀପ କୁମାର ଜେନା ଓ ରହିମ୍ ଖାନ ପରିଚାଳନା କରିଥିବାବେଳେ ସୁଶିଲ କୁମାର ସୁନ୍ଦରାୟ ସ୍କୋରର ଭୂମିକା ଗ୍ରହଣ କରିଥିଲେ। ମ୍ୟାଚ୍ ରେଫରି ଭାବେ ରୋହିତ ସମୀର ବଳିଆର ସିଂହ ଓ ସଂଯୋଜକ ଭାବେ ସୁଧୀର କୁମାର ସାହୁ ଦାୟିତ୍ୱ ରେ ଥିଲେ। ମଙ୍ଗଳବାର ଦିନ ଜଟଣୀ କ୍ରିକେଟ୍ ଏକାଡେମୀ ଓ ରାଇଜିଙ୍ଗଷ୍ଟାର କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଚଣ୍ଡୀ ପ୍ରାସାଦ ଆଚାର୍ଯ୍ୟ ଜଣାଇଛନ୍ତି।



ଏମ୍.ସନ୍ତୋଷ ଦୋରା

## ଗଣୁଆଁ ନକଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ୦-୨ ଗୋଲ୍‌ରେ କେକେଏଫସିକୁ ହରାଇ ଜିତେନ୍-୧୧ ଚାମ୍ପିୟନ



**କୋଇଡ଼ା, ନ୍ୟୁଜ୍‌ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ୍ ବଣପାହାଡ଼ ଘେରା ଗଣୁଆଁ ମିନିଷ୍ଟାଡିୟମ୍ ଚାଲିଥିବା ୧୫ତମ ଗଣୁଆଁ ନକଆଉଟ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। କେକେଏଫସି କୋଇଡ଼ାକୁ ୦-୨ ଗୋଲ୍‌ରେ ପରାସ୍ତ କରି ଜିତେନ୍ ୧୧ ଗୁଆଲି ଚାମ୍ପିୟନ୍ ହୋଇଛି। ବିଜେତା ଟିମ୍‌କୁ ୧ ଲକ୍ଷ ୭୦ ହାଜର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି।

ଟୁର୍ଣ୍ଣାମେଣ୍ଟରେ ମୋଟ୍ ୩୨ଟି ଦଳ ଭାଗ ନେଇଥିଲେ। ଯେଉଁଥିରେ ୪ଟି ମହିଳା ଦଳ ସାମିଲ୍ ହୋଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ କେକେଏଫସି କୋଇଡ଼ା ଓ ଜିତେନ୍-୧୧ ଗୁଆଲି ମୁହାଁମୁହିଁ ହୋଇଥିଲେ। ମ୍ୟାଚ୍ କଡ଼ା ଟକ୍କର ହୋଇଥିଲା। ହେଲେ ଶେଷବେଳକୁ ୦-୨ ଗୋଲ୍‌ରେ କେକେଏଫସି କୋଇଡ଼ାକୁ ପରାସ୍ତ କରି ଜିତେନ୍-୧୧ ଗୁଆଲି ଚାମ୍ପିୟନ୍ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ମାଲଦା ସରପଞ୍ଚ ସୁରୁବାଲି ପାତ୍ର ଓ ଅତିଥି ଭାବଆ ଚଳଚ୍ଚିତ୍ର ଅଭିନେତା ସ୍ୱରାଜ ବାରିକ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏଥିସହ ଉପ ବିଜେତା ଦଳ କେକେଏଫସି କୋଇଡ଼ାକୁ ୧ ଲକ୍ଷ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।

# ରୋହିତ ନ ଖେଳିଲେ ବୁମ୍ରା ହେବେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଅଧିନାୟକ : ଗମ୍ଭୀର

**ନୂଆଦିଲ୍ଲୀ**

ନଭେମ୍ବର ୨୨ରୁ ଆରମ୍ଭ ହେଉଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଟିମ୍‌ର ଅଧିନାୟକ ରୋହିତ ଶର୍ମା ଅନୁପସ୍ଥିତ ରହି ପାରନ୍ତି। ଯଦି ରୋହିତ ପର୍ଥ ଟେଷ୍ଟରେ ଉପଲବ୍ଧ ନ ହେବେ, ତା'ହେଲେ ଯଶପ୍ରୀତ ବୁମ୍ରା ଭାରତୀୟ ଟିମ୍‌ର ନେତୃତ୍ୱ ନେବେ। ଭାରତୀୟ ଟିମ୍‌ର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏକଥାକୁ ନିଶ୍ଚିତ କରିଛନ୍ତି।

ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀର କହିଛନ୍ତି, "ବୁମ୍ରା ହେଉଛନ୍ତି ଭାରତୀୟ ଟେଷ୍ଟ ଟିମ୍‌ର ଉପ ଅଧିନାୟକ। ଯଦି ରୋହିତ ଉପଲବ୍ଧ ନ ହେବେ, ତା'ହେଲେ ବୁମ୍ରା ପର୍ଥରେ ଭାରତୀୟ ଟିମ୍‌ର ନେତୃତ୍ୱ ନେବେ।" ବର୍ଡର ଗାଭାସ୍କର ଟ୍ରଫି ପାଇଁ ପ୍ରଥମ ଦଫାରେ କିଛି ଖେଳାଳି ରବିବାର ଠାରୁ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି। ଦ୍ୱିତୀୟ ଦଫାରେ ଗମ୍ଭୀରଙ୍କ



ସହ ଅନ୍ୟମାନେ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି। ତେବେ ରୋହିତ ଶର୍ମା ଏବେ ଅଷ୍ଟ୍ରେଲିଆ ଗସ୍ତ କରିବେ ନାହିଁ।

ବ୍ୟକ୍ତିଗତ କାରଣ ପାଇଁ ସେ ପ୍ରଥମ ଟେଷ୍ଟ ଖେଳି ନ ପାରନ୍ତି। କିନ୍ତୁ ମୁଖ୍ୟ କୋଚ୍ ଗମ୍ଭୀର ଏଯାଏ ତାଙ୍କ ଅନୁପସ୍ଥିତିକୁ ନିଶ୍ଚିତ କରି ନାହାନ୍ତି। ସେ କହିଛନ୍ତି, "ରୋହିତଙ୍କୁ ନେଇ ଏବେ କି କିଛି ନିଶ୍ଚିତ ହୋଇନି। ଆମ ଆଶା ସେ ଖେଳିବେ। ସିରିଜ୍‌ର ଠିକ୍ ପୂର୍ବରୁ ଆମେ ଏକଥା ଆପଣମାନଙ୍କୁ ଜଣାଇ ଦେବୁ।" ରୋହିତଙ୍କ ବିକଳ୍ପ ପାଇଁ ମ୍ୟାନେଜମେଣ୍ଟ ବ୍ୟାକ୍‌ଅପ୍ ପ୍ଲାନ ପ୍ରସ୍ତୁତ କରି ରଖିଛି। ଗମ୍ଭୀର ମଧ୍ୟ ଏକଥାକୁ ଦୋହରାଇଛନ୍ତି। ରୋହିତ ଉପଲବ୍ଧ ନ ହେଲେ ଅଭିମନ୍ୟୁ ଈଶ୍ୱରନ କିମ୍ବା କେଏଲ ରାହୁଲ ଅଷ୍ଟ୍ରେଲିଆରେ ଭାରତ ପାଇଁ ଯଶସ୍ୱୀ ଜୈସ୍ୱାଲଙ୍କ ସହ ଇନିଂସ ଆରମ୍ଭ କରିବେ। ଗମ୍ଭୀର କହିଛନ୍ତି, "ଆମ ପାଖରେ ଅଭିମନ୍ୟୁ ଈଶ୍ୱରନ ଓ କେଏଲ ରାହୁଲଙ୍କ ଭଳି ଖେଳାଳି ସ୍କ୍ୱାଡ୍‌ରେ ରହିଛନ୍ତି। ତେଣୁ ଆମେ ଶ୍ରେଷ୍ଠ ଏକାଦଶ ଚୟନ କରିବୁ। ପ୍ରଥମ ଟେଷ୍ଟ ପୂର୍ବରୁ ଏହା ଉପରେ ନିଷ୍ପତ୍ତି ହେବ।"

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରେ ଦୁଇଦିନ ଧରି ଆୟୋଜିତ ବ୍ଲକ୍‌ସ୍ତରୀୟ ସପ୍ତମ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବ୍ଲକ୍ ଆଥ୍‌ଲେଟିକ୍ ଆସୋସିଏସନ୍, ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପ୍‌ମେଣ୍ଟ ଓ ଷ୍ଟାର କ୍ଲବ୍ ଶାଳଗାଁର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ମେଗା କ୍ରୀଡ଼ା ପ୍ରତିଯୋଗିତାରେ ମୋଟ ୮୬ଟି ବିଭାଗରେ ଅଞ୍ଚଳର ୧୦୫ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ମୋଟ ୧୦୦୫ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ଇମ୍ଫା ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଇମ୍ଫାର ଉପ ସଭାପତି ବିନୟ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଅଭିଜିତ୍ ପାଲ, ସିଆରପିଏଫର ଅବସରପ୍ରାପ୍ତ ଆଇଜି ତ୍ରୈଲୋକ୍ୟ ଖୁଣ୍ଟିଆ, ସ୍ଥାନୀୟ କାଉନସିଲର ବିନୋଦିନୀ ରାଉତରାୟ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ କମିଟି କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ଛତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଲମ୍ପିଆନ୍ ଶ୍ରାବଣୀ ନନ୍ଦ, ଅବସରପ୍ରାପ୍ତ ଉପ କ୍ରୀଡ଼ା ନିର୍ଦ୍ଦେଶକ ନୀଳମାଧବ ନନ୍ଦ, ବିଷ୍ଣୁ ଚରଣ ପରିଡ଼ା, ମନୋଜ କୁମାର ମହାନ୍ତି, ଶିକ୍ଷାବିତ୍ ଜିତେନ୍ କୁମାର ରାଉତ, ଇତିଶ୍ରୀ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସମ୍ପାଦକ ବିଜୟ କୁମାର ସାହୁ ବିବରଣୀ ପାଠ କରିଥିଲେ ଏବଂ ବିବେକାନନ୍ଦ ସୋସିଆଲ ଡେଭେଲପମେଣ୍ଟ ସମ୍ପାଦକ ଅଶ୍ୱିନୀ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭୀମସେନ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଭାସ୍କର ଚନ୍ଦ୍ର ରାଉତରାୟ, ତୁଷାର କାନୁନଗୋ, କାହ୍ନୁ ଚରଣ ଜେନା, ଭାସ୍କର ପ୍ରସାଦ ମହାପାତ୍ରଙ୍କ ସମେତ ଆୟୋଜକ ଅନୁଷ୍ଠାନ ଗୁଡ଼ିକର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲିଙ୍ଗ ପରିବର୍ତ୍ତନ କରି ପୁଅରୁ ଝିଅ ହେଲେ ଭାରତୀୟ କ୍ରିକେଟରଙ୍କ ପୁଅ




**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ବାଙ୍ଗରଙ୍କ ପୁଅ ଆର୍ଯ୍ୟନ ନିକଟରେ ଲିଙ୍ଗ ପରିବର୍ତ୍ତନ କରି ପୁଅରୁ ଝିଅ ହୋଇଛନ୍ତି। ଲିଙ୍ଗ ପରିବର୍ତ୍ତନ ପରେ ଆର୍ଯ୍ୟନ ବଙ୍ଗର ତାଙ୍କ ନାମ ଅନାୟା ବାଙ୍ଗର କରିଛନ୍ତି। ଅନାୟା ନିଜ ଇନଷ୍ଟାଗ୍ରାମରେ ନିଜର ଯାତ୍ରା ବିଷୟରେ ପ୍ରକାଶ କରିଛନ୍ତି। ଆର୍ଯ୍ୟନ ଲିଙ୍ଗ ଅସ୍ତ୍ରୋପଚାର ପରେ ତାଙ୍କ ହରମୋନ ପରିବର୍ତ୍ତନ ବିଷୟରେ ଖୋଲାଖୋଲି ଭାବେ କହିଥିଲେ। ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ସେ ହରମୋନ ରିପ୍ଲେସ୍‌ମେଣ୍ଟ ଥେରାପି (ଏଚ୍‌ଆରଟି)ର ପ୍ରଭାବ ବିଷୟରେ କହିଥିଲେ। ଅନାୟା ଅସ୍ତ୍ରୋପଚାର ହେବାର ୧୧ ମାସ ବିତିଗଲାଣି।

ଅନାୟା କହିଛନ୍ତି, ବୃତ୍ତିଗତ ଭାବରେ କ୍ରିକେଟ ଖେଳିବାର ମୋର ସ୍ୱପ୍ନ ସବୁବେଳେ ଅସୁବିଧାରେ ପରିପୂର୍ଣ୍ଣ ଥିଲା। ସକାଳ ଓ ସନ୍ଧ୍ୟାରେ କଠିନ ପରିଶ୍ରମ କରିବା, ପଡ଼ିଆରେ ଅଭ୍ୟାସ କରିବା ଏବଂ ଅନ୍ୟମାନଙ୍କ ସମାଲୋଚନାର ସମ୍ମୁଖୀନ ହେବା ପାଇଁ ମୋତେ ପ୍ରତ୍ୟେକ ପଦକ୍ଷେପରେ ସଂଘର୍ଷ କରିବାକୁ ପଡୁଥିଲା।

ଅନାୟା ଆହୁରି ମଧ୍ୟ କହିଛନ୍ତି, କିନ୍ତୁ କ୍ରିକେଟ ବ୍ୟତୀତ ଅନ୍ୟ ଏକ ଯାତ୍ରା ଥିଲା– ମୋର ପ୍ରକୃତ ପରିଚୟ ଗ୍ରହଣ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା, କାରଣ ମୋତେ ବୁଝିବା ଏବଂ ମୋର ପ୍ରକୃତ ପରିଚୟ ଗ୍ରହଣ କରିବା ପାଇଁ ମୋତେ ଅନେକ କଷ୍ଟଦାୟକ ନିଷ୍ପତ୍ତି ନେବାକୁ ପଡ଼ିଥିଲା।

# ରାଜ୍ୟରେ ଗୋ ସମ୍ପଦର ସୁରକ୍ଷା ପାଇଁ ୩୧୪ ବ୍ଲକ୍‌ରେ ଗୋ-ଶାଳା ନିର୍ମାଣ ହେବ : ମନ୍ତ୍ରୀ




**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ବେରେଣା ଗ୍ରାମସ୍ଥିତ ନନ୍ଦଗାଁ ବୃଦ୍ଧ ଗୋସେବା ଆଶ୍ରମରେ ପବିତ୍ର ଗୋପାଷ୍ଟମୀ ଓ ଦୀପାବଳି ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋ' ସେବାରେ ଯେଉଁମାନେ ବ୍ରତି ହୁଅନ୍ତି ସେମାନଙ୍କର ସମସ୍ତ ରିଷ୍ଟ ଖଣ୍ଡନ ହେବା ସହିତ ଧନ, ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟରେ ଗୋ'ମାତାଙ୍କ ସୁରକ୍ଷା ପାଇଁ ୩୧୪ଟି ବ୍ଲକ୍‌ରେ ଗୋଶାଳା ନିର୍ମାଣ ସହିତ ଗୋ' ସୁରକ୍ଷାର ସମସ୍ତ ଖର୍ଚ୍ଚ ସରକାର ବହନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯିବ ବୋଲି ସେ ସୂଚନା ଦେଇଥିଲେ। କଟକ ମାରୱାଡ଼ି ସମାଜ, ମାରୱାଡ଼ି ଯୁବ ପରିଷଦ ଓ ଯଶୋଦା ମାତା ଗୋ' ସେବିକା ସମିତି ମିଳିତ ଆନୁକୂଲ୍ୟରେ ସମିତି ସଭାପତି କମଳ ଶିକାରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡ଼ଚଣା ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥି, ପଦନ ଭାଓସିଂକା, ନଥମଲ ଚିନାନୀ, ବିଷ୍ଣୁ ସିଂଘାଣିଆ, ହେମନ୍ତ ଅଗ୍ରୱାଲ, ରମେଶ ଖଣ୍ଡେଲୱାଲ, ଗୋପାଲ ବଂସଲ, ପବନ ଜି. ଜାଜୋଡ଼ିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାନବ ସମାଜ ପାଇଁ ଗୋ ଜାତିର ଉପଯୋଗିତା ଓ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ମନ୍ତ୍ରୀ ଓ ଅତିଥିମାନେ ୧ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଗୋବର କାଷ୍ଠ ପ୍ରକଳ୍ପ, ଲିଫ୍ଟ ଇରିଗେସନ ପ୍ରକଳ୍ପ, ସତ୍‌ସଙ୍ଗ ଭବନ, ବାଲ ଉଦ୍ୟାନ କେନ୍ଦ୍ର ଓ ଅତିଥିମାନଙ୍କ ପାଇଁ ବିଶ୍ରାମ ଗୃହ ଆଦିର ଉଦ୍‌ଘାଟନ କରିଥିଲେ। ବରିଷ୍ଠ କର୍ମକର୍ତ୍ତା ଜ୍ଞାନଚାନ୍ଦ ନହର ଧନ୍ୟବାଦ ଅର୍ପଣ କରିଥିଲେ।


**GOVERNMENT OF ODISHA** A-542
E-Procurement Notice, Superintending Engineer, M.I. Division, Angul
**Bid Identification No.-11 OF 2024-25**
E-mail ID- eemidivision_angul@yahoo.com
Letter No. 2920 /Date:-07.11.2024

| | | |
|---|---|---|
| 1. Number of Works | : | 04 (Four) number of Civil work |
| 2. Approximate estimated cost | : | From 10.06 Lakh to 38.13 lakh |
| 3. Cost of Tender Paper | : | Rs.6000/- (Non-Refundable) |
| 4. Period of completion | : | 03 (Three) Months |
| 5. Date & Time of availability of bid document In the portal | : | Dt. 12.11.2024 at 10.00 A.M. to Dt. 18.11.2024 up to 5.00 P.M |
| 6. Last date / Time for receipt of bid in the portal | : | Dt. 18.11.2024 upto 5.00 P.M. |
| 7. Date of opening of bid documents | : | Dt. 19.11.2024 at 11.00 A.M. |
| 8. Date of lottery if required | : | Dt. 25.11.2024 At 11.00 A.M. |
| 9. Name and address of the Office Inviting Bid | : | Superintending Engineer, Minor Irrigation Division, Angul. At / P.O.: Hakimpada, College Square, District: Angul, PIN-759143 Ph. No.: 06764-236522 Email ID: eemldivlsion_angul@yahoo.com |
| 10. The bidders have to participate in **ONLINE** bidding only. Further details can be seen from the e-procurement portal | : | http://tendersorissa.gov.in |

Sd/- Superintending Engineer
OIPR-32284/11/0012/2425 M.I Division, Angul



**Government of Odisha, e- Procurement Notice** B-598
**INVITATION FOR BIDS (IFB)**
Bid Identification No. C.C.E.Dkl.(R&B) 09/2024-25 Email Id- sedklpwd@gmail.com
Letter No. 2215/ Dt. 07.11.2024

The Chief Construction Engineer, Dhenkanai (R&B) Circle, Dhenkanal on behalf of Governor of' Odisha invites Percentage Rate bids in double cover system to be received in ONLINE MODE from eligible contractors for Repair & Rehabilitation of Bridge & Road works as detailed below:

1. Name of the work : Repair & Rehabilitation of Bridge & Road works
2. No of works : 05 (Five) Nos
3. Estimated Cost : **Rs.1.25 Crore to 4.70 Crore (as given in column No. 03 of table)**
4. Cost of tender paper : Rs 10,000.00
5. Class of contractor : 'A' Class & 'B' Class **(as given in column No. 07 of table)**
6. Period of Completion of work : 05 (Five) to 07 (Seven) **(as given in column No. 08 of table)**
7. Date and time of availability of bid Document in the website : From Dt. 13.11.2024 to 5.00 P.M. of Dt.27.11.2024
8. Date of opening of bid : Dt.28.11.2024 at 11.00 A.M.

The bidders have to participate in **ONLINE** biding only further details can be seen from the e- Procurement Portal: www.tendersodisha.gov.in. Any addendum I corrigendum / cancellation of tender can also be seen in the said website.

Sd/- Chief Construction Engineer
OIPR-34132/11/0017/2425 Dhenkanal(R&B) Circle, Dhenkanal



**GOVERNMENT OF ODISHA** O-620
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO- SUNGUDA, JAJPUR -755044, Tel No. 0671-2444488, Email-serw_kpd@yahoo.com
Office Order.- 3235 Date:- 11.11.2024
**CANCELLATION OF TENDER**
Due to unavoidable circumstances, the Tender Invited by this Office Bid Identification No. Tender Online RCK - 22/24, Letter No. - 3068, Dtd. 21.10.2024 is here by cancelled.
Sd/- Chief Construction Engineer
OIPR-25129/11/0015/2425 Rural Works Circle, Kendrapara-Jajpur


## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବ

# ୪୧୫ ସ୍ନାତକ, ୧୪୨ ସ୍ନାତକୋତ୍ତର ଓ ୧୭ ଜଣଙ୍କୁ ଉପାଧ୍ୟୁତ୍ତର, ୩୧ ସ୍ୱର୍ଣ୍ଣ ପଦକ ବିଜେତା ସମ୍ବର୍ଦ୍ଧିତ

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବ ରବିବାର ସନ୍ଧ୍ୟାରେ ମହାସମାରୋହରେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ମାନବବାଦୀ, ଆଧ୍ୟାତ୍ମିକ ଗୁରୁ ତଥା ବିଶ୍ୱବିଦ୍ୟାଳୟର ଆଜୀବନ ସଭାପତି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସଦୟ ଉପସ୍ଥିତି ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଭବ୍ୟତାକୁ ଦ୍ୱିଗୁଣିତ କରିଥିଲା। ଉକ୍ତ ସମାରୋହରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ତଥା ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗବିଭାଗ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଏବଂ ଆମେରିକୀୟ ନିବେଶକ ତଥା ଡ୍ରାପର ଆସୋସିଏଟ୍‌ସ ଏବଂ ଡ୍ରାପର ଭେଞ୍ଚର ନେଟଓ୍ୱର୍କର ପ୍ରତିଷ୍ଠାତା ଡଃ. ଟିମ୍ ଡ୍ରାପର ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ସେମାନଙ୍କ ଉପସ୍ଥିତି ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଭବ୍ୟତାକୁ ବହୁଗୁଣିତ କରିଥିଲା। ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପରିକଳ୍ପିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୨୦୧୨ ମସିହାରେ ଏହାର ପ୍ରତିଷ୍ଠା ପରଠାରୁ ପାଶ୍ଚାତ୍ୟର ଅଗ୍ରଣୀ ଉଦ୍ଭାବନ ଓ ପୂର୍ବର




କାଳଜୟୀ ଜ୍ଞାନ ସମ୍ମିଶ୍ରଣରେ ସମଗ୍ର ଅଞ୍ଚଳରେ ଶିକ୍ଷାର ଆଲୋକବର୍ତ୍ତିକା ପାଲଟିଛି। 'ନ୍ୟାସନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଟେସନ୍ କାଉନସିଲ' ବା 'ନାକ୍' ଦ୍ୱାରା ସମ୍ମାନଜନକ 'ଏ' ଗ୍ରେଡ୍ ସ୍ୱୀକୃତିପ୍ରାପ୍ତ ଏବଂ ଶ୍ରେଷ୍ଠ ୨୦୦ ବିଶ୍ୱସ୍ତରୀୟ ଅନୁଷ୍ଠାନ (ଇମ୍ପାକ୍ଟ ର୍‍ୟାଙ୍କିଙ୍ଗ୍-୨୦୨୩) ମଧ୍ୟରୁ ଅନ୍ୟତମ ଭାବରେ ଉଚ୍ଚ ପ୍ରଶଂସିତ ହୋଇଥିବା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୯ଟି ବିଭାଗରେ ସମ୍ପ୍ରସାରିତ ହୋଇଥିବା ବେଳେ ଏକ ସମୃଦ୍ଧ ପାଠ୍ୟକ୍ରମ ପ୍ରଦାନ କରୁଛି। ଅନନ୍ୟ ଅଷ୍ଟିଓପାଥି ବିଭାଗ ଏବଂ ବିଶ୍ୱପ୍ରସିଦ୍ଧ 'ଚିନ୍ତନ ଓ ଆଚରଣ ବିଜ୍ଞାନ' ବିଭାଗ ଏହାର ଶ୍ରେଷ୍ଠ ପାଠ୍ୟକ୍ରମଗୁଡ଼ିକ ମଧ୍ୟରେ ଉଲ୍ଲେଖନୀୟ। ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଓଡ଼ିଆ ଭାଷାରେ ତାଙ୍କ ଅଭିଭାଷଣରେ ଆରମ୍ଭ କରି ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ସ୍ନାତକମାନଙ୍କୁ ପ୍ରେରଣା ଦେବା ସହ ଜ୍ଞାନ, କରୁଣା ଓ ସେବାର ଜୀବନ ଆପଣାଇବାକୁ ଅନୁରୋଧ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଶ୍ୱବିଦ୍ୟାଳୟର ଉନ୍ନତି ଏବଂ ବୈଶ୍ୱିକ ଶିକ୍ଷା କ୍ଷେତ୍ରରେ ଏହାର ଯୁଗାନ୍ତକାରୀ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିସହ ନିକଟରେ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଂରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ଉନ୍ନତିକୁ ମଧ୍ୟ ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣି ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱସ୍ତରରେ ବିସ୍ତାର କରିବା ସହିତ ବିଶ୍ୱସ୍ତରୀୟ ପ୍ରତିଭାମାନଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବାରେ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସୂଚନା ଦେଇଥିଲେ। କୁଳପତି ପ୍ରଫେସର ତେଜ ପ୍ରତାପ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରି ଭବିଷ୍ୟତର ବିକାଶ ପାଇଁ ରଣନୈତିକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି ସମାରୋହରେ ୧୭ଜଣ ଉପାଧ୍ୟୁତ୍ତର, ୪୧୫ ଜଣ ସ୍ନାତକ ଓ ୧୪୨ ଜଣ ସ୍ନାତକୋତ୍ତରଙ୍କୁ ମିଶାଇ ସମୁଦାୟ ୫୭୪ ଜଣ ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ୩୧ ଜଣ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସମନ୍ୱିତ ଅଷ୍ଟିଓପ୍ୟାଥିରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଅରୁଣିମା ଆରୋରା ଏହି ସଫଳତାରେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଏହା ତାଙ୍କ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ ବୋଲି ସେ କହିଥିଲେ। ଏଥିସହ ତାଙ୍କ ସଫଳତା ପଛରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅବଦାନକୁ ମଧ୍ୟ ତାଙ୍କ ମାତାପିତା ଭୂୟସୀ ପ୍ରଶଂସା କରିଥିଲେ।



# ଅତ୍ୟାବଶ୍ୟକୀୟ ଜିନିଷର ଅହେତୁକ ଦର ବୃଦ୍ଧି ଯୋଗୁଁ ଖାଉଟି ହନ୍ତସନ୍ତ, ସରକାର ନିଦାବିଷ୍ଟ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଅତ୍ୟାବଶକୀୟ ଜିନିଷର ଦର ଅହେତୁକ ବୃଦ୍ଧି ପାଇ ରାଜ୍ୟବାସୀ ହନ୍ତସନ୍ତ ହେଉଥିବା ବେଳେ ରାଜ୍ୟ ସରକାର ନିଦାବିଷ୍ଟ ସାଜିଛନ୍ତି ବୋଲି ଏକ ପ୍ରେସ ବିବୃତିରେ ବିଜୁ ଜନତା ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଅଭିଯୋଗ କରିଛନ୍ତି । ଏହି ଅହେତୁକ ଦର ବୃଦ୍ଧି ଦାଉରୁ ରାଜ୍ୟବାସୀଙ୍କୁ ଉଦ୍ଧାର କରିବା ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ, ରାଜ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେବଳ ବିଭିନ୍ନ ବୟାନବାଜିରେ ବ୍ୟସ୍ତ ଅଛନ୍ତି। ରାଜ୍ୟ ସରକାର ପିଡିଏସ ବଂଟ ନ ମାଧ୍ୟମରେ ଦିଆଯାଉଥିବା ଚାଉଳ ଲୋକଙ୍କ ପାଖରେ ପହଂଚାଇବାରେ ବିଫଳ ହେବା କାରଣରୁ କନ୍ଧମାଳ ଜିଲ୍ଲାରେ ଦୁଇ ଜଣ ମହିଳାଙ୍କ ଆମ୍ବ ଟାକୁଆ ଖାଇ ମୃତ୍ୟୁ ହୋଇଥିଲା । ଅପର ପକ୍ଷରେ, ବିଜେପି ରାଜ୍ୟରେ କ୍ଷମତାକୁ ଆସିବା ପରେ, ଅର୍ଥାତ ଗତ ପାଂଚ ମାସରେ ଅତ୍ୟାବଶକୀୟ ଜିନିଷର ଦର ହୁ ହୁ ହୋଇ ବଢ଼ି ଚାଲିଛି । ଗତ ଜୁନ ମାସରେ ଆଳୁ ଦର ପ୍ରତି କିଲୋ ୨୦ ଟଙ୍କା ଥିଲା ବେଳେ ଏହା ଏବେ ୩୫ ଟଙ୍କା ରହିଛି । ରାଜ୍ୟରେ ପିଆଜ କିଲୋ, ଯାହା ଜୁନ ମାସରେ ୨୦ ଟଙ୍କା ଥିଲା ତାହା ଏବେ ୬୦ ଟଙ୍କା ରହିଛି । ସେହିପରି, ହରଡ଼ ଡାଲି ଦର ୧୩୦ ଟଙ୍କାରୁ ୧୮୦ ଟଙ୍କାରେ, ମୁଗ ଡାଲି ଦର ୧୦୦ ଟଙ୍କାରୁ ୧୨୫ ଟଙ୍କାରେ, ବିରି ଡାଲି ଦର ୧୨୦ ଟଙ୍କାରୁ ୧୪୫ ଟଙ୍କାରେ, ସୋରିଷ ତେଲ ଦର ୧୫୦ ଟଙ୍କାରୁ ୧୮୦ ଟଙ୍କାରେ, ରିଫାଇନ ତେଲ ଦର ୧୧୪ ଟଙ୍କାରୁ ୧୪୪ ଟଙ୍କାରେ ପହଁଚିଛି । ଆଳୁ ପିଆଜ ଛଡା ଅନ୍ୟ ପନିପରିବା ଦର ମଧ୍ୟ ଆକାଶଛୁଆଁ ହୋଇଛି । ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ତତ୍ପରତା ଦେଖାଇ ନାହାନ୍ତି । ରାଜ୍ୟରେ କଳାବଜାରୀ ବୃଦ୍ଧି ପାଉଛି, ଯାହା ଏହି ଦରବୃଦ୍ଧିର କାରଣ ବୋଲି କୁହାଯାଉଛି। ଏହି କଳାବଜାରୀକୁ ରୋକିବା ପାଇଁ ସରକାର ବିଫଳ ହୋଇଛନ୍ତି । ଯୋଗାଣ ମନ୍ତ୍ରୀ ନିଜେ ରେଡ୍ କରୁଛନ୍ତି କିନ୍ତୁ ରେଡ୍ର ପ୍ରାକ ସୂଚନା କଳାବଜାରୀ କରୁଥିବା ବ୍ୟବସାୟୀ ମାନଙ୍କ ପାଖରେ ପହଂଚି ଯାଉଛି, ଯାହା ସରକାରଙ୍କ ସମ୍ପୂର୍ଣ୍ଣ ବିଫଳତା ପ୍ରମାଣ ହେଉଛି ବୋଲି ଡଃ ମହାନ୍ତି କହିଛନ୍ତି । ନିକଟରେ ରାଜ୍ୟର ବ୍ୟବସାୟୀ ମହାସଙ୍ଘ ତରଫରୁ ଦିଆଯାଇଥିବା ମନ୍ତବ୍ୟରୁ ମଧ୍ୟ ସ୍ପଷ୍ଟ ହୋଇଛି ଯେ ଦରଦାମ ବୃଦ୍ଧି କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି । ତାଛଡା, ସରକାର ଓ ବ୍ୟବସାୟୀ ମହାସଙ୍ଘ ମଧ୍ୟରେ ମଧ୍ୟ ସମନ୍ୱୟ ନାହିଁ । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଏଭଳି ଅଭାବନୀୟ ପରିସ୍ଥିତି ପୂର୍ବରୁ କେବେ ଉପୁଜି ନଥିଲା । ରାଜ୍ୟବାସୀଙ୍କୁ ଏହି ଦରବୃଦ୍ଧିର ଦାଉରୁ ଉଦ୍ଧାର କରିବା ପାଇଁ ସରକାର ଶୀଘ୍ର ପଦକ୍ଷେପ ନିଅନ୍ତୁ ବିଜୁ ଜନତା ଦଳ ଦାବି କରୁଛି ବୋଲି ଡଃ ମହାନ୍ତି କହିଛନ୍ତି ।



# କିଟ୍ ଫେସନ୍ ସ୍କୁଲ୍ ଛାତ୍ରୀ ତ୍ରିଷ୍ଣା ରାୟଙ୍କୁ ମିସ୍ ଟିନ୍ ୟୁନିଭର୍ସ ମୁକୁଟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ମିସ୍ ଟିନ୍ ୟୁନିଭର୍ସ ୨୦୨୪ ସୁନ୍ଦରୀ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ଫେସନ୍ ସ୍କୁଲ୍ ଛାତ୍ରୀ ତ୍ରିଷ୍ଣା ରାୟ ବିଜୟୀ ହୋଇ ମିସ୍ ଟିନ୍ ୟୁନିଭର୍ସ ୨୦୨୪ ଟାଇଟଲ୍ ହାସଲ କରିଛନ୍ତି । କିଟ୍ ଫେସନ୍ ଟେକ୍ନୋଲୋଜି ସ୍କୁଲ୍ର ଛାତ୍ରୀ ତ୍ରିଷ୍ଣା ଏହି ଟାଇଟଲ୍ ହାସଲ କରି କିଟ୍ ତଥା ଓଡ଼ିଶା ଓ ଭାରତକୁ ଗୌରବ ଆଣି ଦେଇଛନ୍ତି। ନଭେମ୍ବର ୧ରୁ ୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସମଗ୍ର ବିଶ୍ୱରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। କର୍ଣ୍ଣେଲ୍ ଦିଲ୍ଲୀପ କୁମାର ରାୟ ଏବଂ ରାଜଶ୍ରୀଙ୍କ ଝିଅ ତ୍ରିଷ୍ଣା ଏହି ପ୍ରତିଯୋଗିତାରେ ଭାଗ ନେବାପାଇଁ ପ୍ରୟାସ କରିଆସୁଥିଲେ। ତାଙ୍କର ଭିସା ସମସ୍ୟା ଯୋଗୁଁ ସେ ଗତବର୍ଷ କଲମ୍ବିଆ ଓ ଡ଼ୋମିନିକାନ୍ ରିପବ୍ଲିକ୍ରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରି ନ ଥିଲେ । ତାଙ୍କର କଠିନ ଅଧ୍ୟବସାୟ ଓ ନିଷ୍ଠା ପାଇଁ ସେ ଏହି ଅନ୍ତର୍ଜାତୀୟ ସଫଳତା ପାଇପାରିଛନ୍ତି। ତ୍ରିଷ୍ଣାଙ୍କ ଏହି ସଫଳତାରେ କିଟ୍ ଓ କିସ୍ ଡ.ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସିଏମ୍ସି ଖାଦ୍ୟ ସୁରକ୍ଷା ବିଭାଗର ପ୍ରସ୍ତୁତି

# ସବୁଦିନ ଯାଞ୍ଚ କରିବେ ୪ଟି ଟିମ୍ : ଧରାପଡିଲେ ସିଲ୍ ହେବ ଷ୍ଟଲ୍

**କଟକ, ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ବାଲିଯାତ୍ରାକୁ ବେଶ୍ ସଫଳତାର ସହ ଆୟୋଜନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ସେହିକ୍ରମରେ ମେଳାକୁ ଆସୁଥିବା ଲକ୍ଷ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ମଧ୍ୟ ସିଏମ୍ସି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ଏଥିପାଇଁ ସିଏମ୍ସି ଖାଦ୍ୟ ସୁରକ୍ଷା ବିଭାଗ ଓ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗର ମିଳିତ ଉଦ୍ୟମରେ ସବୁ ଖାଦ୍ୟ ବ୍ୟବସାୟୀଙ୍କ ଉପରେ ନଜର ରଖାଯିବ। କୌଣସି ଖାଦ୍ୟ ନିମ୍ନମାନର ଥିବା ଜଣାପଡିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଆବଶ୍ୟକ ପଡିଲେ ଷ୍ଟଲ୍କୁ ସିଲ୍ କରାଯିବ ବୋଲି ମଧ୍ୟ ଖାଦ୍ୟ ସୁରକ୍ଷା ବିଭାଗ ନିଷ୍ପତ୍ତି ନେଇଛି । ବାଲିଯାତ୍ରାରେ ବିଭିନ୍ନ ସ୍ଥାନରୁ ଖାଦ୍ୟ ବ୍ୟବସାୟୀମାନେ ଆସି ପସରା ମେଲାଇଥାନ୍ତି । ଛୋଟ ଦୋକାନରୁ ଆରମ୍ଭ କରି ବଡ ବଡ ଷ୍ଟଲରେ ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ବିକ୍ରି ହୋଇଥାଏ । ଲୋକମାନେ ମେଳା ବୁଲାବୁଲି ସହିତ ଖାଇବା ପିଇବା କରି ଘରକୁ ଫେରିଥାନ୍ତି । ତେବେ ଅଧିକ ଲାଭ ଆଶାରେ କିଛି ବ୍ୟବସାୟୀ ନିମ୍ନମାନର ଖାଦ୍ୟ ତଥା ବାସି ଖାଦ୍ୟ ବିକ୍ରି କରିଥାନ୍ତି । ଯାହା ଲୋକଙ୍କ ପାଇଁ ବିପଦ ପାଲଟିଥାଏ । ଏସବୁ ପାଇଁ ସିଏମ୍ସି ଖାଦ୍ୟ ସୁରକ୍ଷା ବିଭାଗ ଦ୍ୱାରା ସ୍ୱତନ୍ତ୍ର ଯୋଜନା କରାଯାଇଛି । ମେଳା ପାଇଁ ଭ୍ରାମ୍ୟମାଣ ଖାଦ୍ୟ ପରୀକ୍ଷାଗାର ପଡ଼ିଆରେ ବୁଲିବ । ଏହା ସହିତ ସିଏମ୍ସି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ୪ଟି ଟିମ୍ ଗଠନ କରାଯାଇଛି । ଏବେ ଖାଦ୍ୟ ବ୍ୟବସାୟୀଙ୍କୁ ଅସ୍ଥାୟୀ ଲାଇସେନ୍ସ ପ୍ରଦାନ କରାଯାଉଥିଲା ବେଳେ ଯେଉଁମାନେ କରିନାହାନ୍ତି ମାଇକ୍ ପ୍ରଚାର କରାଯାଇ ଲାଇସେନ୍ସ ନେବା ପାଇଁ କରିବାକୁ ସଚେତନ କରାଯାଉଛି। ମେଳା ସମୟରେ ସବୁ ଦିନ ଯାଞ୍ଚ କରାଯାଇ ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଷଢେଇକଳାରେ...

ସମସ୍ତେ ଜାଣିଛନ୍ତି। ହେଲେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଜେଲ୍ରୁ ଆସି ଚମ୍ପାଇ ସୋରେନଙ୍କୁ ବହୁତ ଅପମାନିତ କରିଛନ୍ତି। ଆଗାମୀ ନିର୍ବାଚନରେ ତାହାର ଜବାବ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଅପିଲ କରିଛନ୍ତି।

ସେ କହିଛନ୍ତି, ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଝାଡ଼ଖଣ୍ଡ ରାଜ୍ୟ ଗଠନ ହୋଇଥିଲା। ଆଦିବାସୀଙ୍କ ବିକାଶ କରିବା ପାଇଁ ଏହି ରାଜ୍ୟ ଗଠନ କରାଯାଇଥିଲା। ଆଉ ଏଠାରେ ବିଜେପି ସରକାର ଗଢିଥିଲା। ଆଶ୍ଚର୍ଯ୍ୟର କଥା ଆଜି ଆଦିବାସୀଙ୍କ ଜନସଂଖ୍ୟା କମି କମି ଯାଉଛି । ଆଦିବାସୀଙ୍କ ଜମିକୁ ହରଣଚାଲ କରାଯାଉଛି। ଜେଏମ୍ଏମର ହେମନ୍ତ ସୋରେନ ଓ କଂଗ୍ରେସ ମିଳିତ ଭାବେ ଆଦିବାସୀଙ୍କ ଜମିକୁ ହଡ଼ପ କରୁଛନ୍ତି। ଆଦିବାସୀଙ୍କଠାରୁ ଜମିକୁ ନେଇ ବାଂଲାଦେଶୀ ଓ ରୋହିଙ୍ଗିଆମାନଙ୍କୁ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି, ବିଜେପି ସରକାର ଅର୍ଥ ହେଉଛି ବିକାଶର ସରକାର। ଓଡ଼ିଶାରେ ଗତ ୫ ମାସ ହେଲା ଡବଲ ଇଞ୍ଜିନ ସରକାର ଚାଲିଛି । ବର୍ଷେ ତଳେ ଛତିଶଗଡ଼ରେ ଡବଲ ଇଞ୍ଜିନ ସରକାର ହୋଇଛି ଏବେ ସମୟ ଆସିଛି ଝାଡ଼ଖଣ୍ଡରେ ଡବଲ ଇଞ୍ଜିନର ସରକାର କରିବା ପାଇଁ। କିଛିଦିନ ତଳେ ଝାଡଖଣ୍ଡ ନିର୍ବାଚନ ପାଇଁ ଗୃହମନ୍ତ୍ରୀ ସଂକଳ୍ପପତ୍ର ଉନ୍ମୋଚନ କରିଛନ୍ତି। ବିଜେପିର ସଂକଳ୍ପପତ୍ର ହେଉଛି ମୋଦିଙ୍କ ଗ୍ୟାରେଣ୍ଟି । ଓଡ଼ିଶାରେ ୧୦୦ ଦିନ ଭିତରେ ସଂକଳ୍ପପତ୍ରରେ ଥିବା ସବୁ ଦାବି ପୂରଣ କରିଛୁ । ଠିକ ସେମିତି ଝାଡଖଣ୍ଡରେ ନୂଆ ସରକାର ଗଠନ ହେଲା ପରେ ସଂକଳ୍ପପତ୍ରରେ ଦିଆଯାଇଥିବା ସବୁ ଦାବି ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଆ ଓ ହିନ୍ଦୀରେ ଭାଷଣ ଦେଲା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାନ୍ତାଳୀ ଭାଷାରେ ମଧ୍ୟ ଭାଷଣ ଦେଇଥିଲେ।

## ନୂଆ ସିଜେଆଇ ଭାବେ...

ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟ କରିଥିଲେ। ପରେ ଆମିକସ କ୍ୟୁରି ଭାବେ ନିଯୁକ୍ତି ପାଇଥିଲେ। ୨୦୦୫ରେ ଦିଲ୍ଲୀ ହାଇକୋର୍ଟର ଅତିରିକ୍ତ ବିଚାରପତି ହୋଇଥିଲେ । ୨୦୦୬ରେ ସ୍ଥାୟୀ ବିଚାରପତି ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା । ୨୦୧୯ରେ ସେ ସୁପ୍ରିମକୋର୍ଟର ବିଚାରପତି ହୋଇଥିଲେ।

## ଇରାନ ଆକ୍ରମଣ...

ଅକ୍ଟୋବର ୧୯ରେ ହିଜବୁଲ୍ଲା ଡ୍ରୋନ ପଠାଇଥିଲା, ସେଥିମଧ୍ୟରୁ ସିଜେରିୟାରେ ନେତାନ୍ୟାହୁଙ୍କ ଘର ନିକଟରେ ବିସ୍ଫୋରଣ ହୋଇଥିଲା। ଡ୍ରୋନ ଶୋଇବା ଘରର ଝରକା ଭାଙ୍ଗି ଦେଇଥିଲା। ଅବଶ୍ୟ ଏହା ଭିତରକୁ ପ୍ରବେଶ କରିବାରେ ସକ୍ଷମ ହୋଇ ପାରିନଥିଲା ଯେଉଁ କାରଣରୁ ବହୁ କ୍ଷୟକ୍ଷତି କମ ହୋଇଥିଲା। ତେବେ ଆକ୍ରମଣ ସମୟରେ ନେତାନ୍ୟାହୁ ଘରେ ନ ଥିଲେ।

ଇସ୍ରାଏଲର ସମ୍ବାଦ ସରବରାହ ସଂସ୍ଥାର ରିପୋର୍ଟ ଅନୁସାରେ ବିଭିନ୍ନ ସ୍ଥାନରେ କ୍ୟାବିନେଟ ବୈଠକ କାହିଁକି ଅନୁଷ୍ଠିତ ହେଉଛି, ତାହା ନୂତନ ସୁରକ୍ଷା ପ୍ରୋଟୋକଲରେ ବର୍ଣ୍ଣନା କରାଯାଇଛି । ଏହା ସହିତ ନଭେମ୍ବର ୨୬ରେ ହେବାକୁ ଥିବା ନେତାନ୍ୟାହୁଙ୍କ ପୁଅ ଅନର ନେତାନ୍ୟାହୁଙ୍କ ବିବାହ ପରବର୍ତ୍ତୀ ତାରିଖକୁ ସ୍ଥଗିତ ରଖାଯାଇଛି।

ରିପୋର୍ଟ ଆସିବାର କିଛି ଘଣ୍ଟା ପରେ ନେତାନ୍ୟାହୁଙ୍କ ଆଇନଜୀବୀମାନେ ତାଙ୍କ ସାକ୍ଷ୍ୟର ନିର୍ଦ୍ଧାରିତ ସମୟକୁ ଆସନ୍ତା ମାସରେ ଜେରୁଜେଲମ ଜିଲ୍ଲା କୋର୍ଟରେ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ତେଣୁ ତାଙ୍କୁ ସପ୍ତାହରେ ଅନେକ ଥର ସମାନ ସ୍ଥାନକୁ ଯିବାକୁ ପଡିବ ନାହିଁ । ତିନୋଟି ଦୁର୍ନୀତି ମାମଲାରେ ନେତାନ୍ୟାହୁଙ୍କ ଉପରେ ବିଚାର ଚାଲିଛି । କୋର୍ଟରେ କୌଣସି ସୁରକ୍ଷିତ କୋଠରୀ କିମ୍ବା ବୋମା ଆଶ୍ରୟସ୍ଥଳ ନାହିଁ ବୋଲି ସୂଚନା ମିଳିଛି । ତେଣୁ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି।

## ବଦଳି, ପୋଷ୍ଟିଂ ...

କର୍ମଚାରୀମାନଙ୍କ ବଦଳି ଓ ନିଯୁକ୍ତି କରାଯାଇଥାଏ। ତେଣୁ ଏହି ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଯେକୌଣସି ପ୍ରକାରର ଉଦ୍ୟମକୁ ଅତି ଖରାପ ଆଚରଣ ଭାବେ ବିଚାର କରାଯିବ ଓ ଏଥିପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ମୁଖ୍ୟ ଶାସନ ସଚିବ ତାଙ୍କ ଚିଠିରେ ଦର୍ଶାଇଛନ୍ତି।

## ମହିଳା କର୍ମଚାରୀଙ୍କ...

ଗୋଟିଏ ମାସର ଛୁଟି ପରବର୍ତ୍ତୀ ମାସକୁ ସ୍ଥାନାନ୍ତରିତ କରାଯାଇପାରିବ ନାହିଁ ବୋଲି ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ଏହା ପୂର୍ବରୁ ଗତ ମାସରେ ମହିଳା ସରକାରୀ କର୍ମଚାରୀମାନଙ୍କ ପାଇଁ ବାର୍ଷିକ ଅତିରିକ୍ତ ସାମୟିକ ଛୁଟି ୧୨ ଦିନକୁ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ପ୍ରଚଳିତ ୧୦ ଦିନ ସାମୟିକ ଛୁଟି(କାଜୁଆଲ ଲିଭ) ଓ ୫ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି(ସ୍ପେଶାଲ ଲିଭ୍) ସହିତ ମହିଳାମାନେ ଏହି ୧୨ ଦିନ ଅତିରିକ୍ତ ଛୁଟି ପାଇପାରିବେ।

## ସୁରକ୍ଷାକର୍ମୀଙ୍କ...

ଅସ୍ତ୍ରଶସ୍ତ୍ର ମିଳିଛି।

ମଣିପୁରର ଜିରିବାମ ଜିଲ୍ଲାରେ କୁକି ଉଗ୍ରବାଦୀମାନେ ଗୋଟିଏ ପୁଲିସ ଷ୍ଟେସନ ଉପରେ ଉଭୟ ପାର୍ଶ୍ୱରୁ ଆକ୍ରମଣ କରିଥିଲେ । ସେହିପରି କିଛି କୁକି ଉଗ୍ରବାଦୀମାନେ ପାହାଡ଼ ଉପରେ ରହି ଗୁଳି ମାଡ଼ କରିଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଥିଲା।

ପୁଲିସ ଓ ସିଆରପିଏଫ ଯବାନମାନେ କୁକି ଉଗ୍ରବାଦୀଙ୍କ ଆକ୍ରମଣକୁ ମୁକାବିଲା କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ବେଶ କିଛି ସମୟ ଗୁଳି ବିନିମୟ ହୋଇଥିଲା । ଏଥିରେ ୧୧ ଜଣ କୁକି ଉଗ୍ରବାଦୀଙ୍କ ମୃତଦେହ ମିଳିଛି।

ଏବେ ବି ସେଠାରେ ଆଉ କିଛି ଉଗ୍ରବାଦୀ ଲୁଚି ରହିଥିବାରୁ ସର୍ଚ୍ଚ ଅପରେସନ ଜାରି ରହିଛି। ସେହିପରି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଛି। କୁକି ଉଗ୍ରବାଦୀଙ୍କ ହମଲାରେ କିଛି ଯବାନ ଓ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି।

ହମାର ଆଦିବାସୀ ସଂପ୍ରଦାୟର ଜଣେ ମହିଳାଙ୍କୁ ଜିରିବାମ ଜିଲ୍ଲାରେ ଦୁଷ୍କର୍ମ ପରେ ଗୁଳି କରି କରାଯାଇଥିଲା। ଏହାପରେ ତାଙ୍କୁ ପୋଡ଼ି ଦିଆଯାଇଥିଲା। ଘଟଣା ପଛରେ ମୈତେି ସଂପ୍ରଦାୟର ଆତଙ୍କବାଦୀଙ୍କ ହାତ ଥିବା ଅଭିଯୋଗ ହୋଇଥିଲା।

ଘଟଣାର ଦିନକ ପରେ ମୈତେି ସଂପ୍ରଦାୟର ଜଣେ ମହିଳାଙ୍କୁ କୁକି ବିଦ୍ରୋହୀମାନେ ଗୁଳି କରି ହତ୍ୟା କରିଥିଲେ। ମହିଳା ଜଣଙ୍କ ବିଷ୍ଣୁପୁର ଜିଲ୍ଲାରେ ଥିବା ତାଙ୍କ ଜମିରେ କାମ କରୁଥିଲେ।

ଏହି ସମୟରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଦୁଇ ଘଟଣାକୁ ନେଇ ମଣିପୁର ପୁଣି ଅଶାନ୍ତ ହୋଇଥିବା ବେଳେ ଏବେ ୧୧ କୁକି ଉଗ୍ରବାଦୀଙ୍କ ନିହତ ଖବର ସାମ୍ନାକୁ ଆସିଛି।

## ଏଥର ପଞ୍ଚୁକ...

ଦଫା ଦଫା ହୋଇ ବାଇଶି ପାହାଚ ପରେ ସାତ ପାହାଚ ଦେଇ ନାଟମଣ୍ଡପର ବାହାର କାଠ ନିକଟରୁ ଦର୍ଶନ କରିବେ। ଭିତର କାଠ ଦର୍ଶନ ପଞ୍ଚୁକରେ ବନ୍ଦ ରହିବ ବୋଲି ଜଣାପଡ଼ିଛି।

ସେପଟେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ୫ ଜଣ ଅତିରିକ୍ତ ଏସ୍ପି, ୧୪ ଜଣ ଡିଏସ୍ପି, ୨୬ ଜଣ ଇନ୍ସପେକ୍ଟରଙ୍କ ସହ ୩୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ପୁରୀ ଏସପି କହିଛନ୍ତି । ସେହିପରି କାର୍ତ୍ତିକ ପୂର୍ଣ୍ଣିମାରେ ଭକ୍ତମାନେ ବେଳାଭୂମିରେ ଡଙ୍ଗା ଭସାଇ ନିଜ ବ୍ରତ ଉଦଯାପନ କରିବାକୁ ଥିବାରୁ ସେଠାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ସହ ପର୍ଯ୍ୟାପ୍ତ ପରିମାଣର ଲାଇଫଗାର୍ଡ ନିୟୋଜିତ କରାଯିବ ବୋଲି ଏସ୍ପି କହିଛନ୍ତି।

## ରାମ ମନ୍ଦିର ଉପରେ...

ମୋଦିଙ୍କ ଫଟୋ ଏହି ଭିଡିଓରେ ଦେଖିବାକୁ ମିଳିଛି । ଅର୍ଥାତ ଖଲିସ୍ତାନୀ ପକ୍ଷରୁ ହିନ୍ଦୁ ଧର୍ମର ଏକ ପବିତ୍ର ସ୍ଥଳକୁ ଖୋଲାଖୋଲି ଧମକ ମିଳିଛି। ଏଥିସହିତ କାନାଡ଼ାରେ ଥିବା ହିନ୍ଦୁ ଲୋକମାନେ ଖଲିସ୍ତାନୀ ଆକ୍ରମଣଠାରୁ ଦୁରେଇ ରହିବାକୁ କୁହାଯାଇଛି।

ଗତମାସରେ ପନ୍ନୁ ଧମକ ଦେଇଥିଲା ଯେ, ନଭେମ୍ବର ୧ ତାରିଖରୁ ୧୯ ମଧ୍ୟରେ ଏୟାର ଇଣ୍ଡିଆରେ ଯାତ୍ରା କଲେ ହେବାକୁ ଥିବା ଘଟଣା ପାଇଁ ସତର୍କ ଥିବେ, ଯାହା ସେମାନେ ୧୯୮୪ରେ ହୋଇଥିବା ଶିଖଙ୍କ ବିରୋଧରେ ହୋଇଥିବା ହିଂସାର ୪୦ ତମ ବାର୍ଷିକୀ ଉପଲକ୍ଷେ ଘଟାଇବେ। ଏଥିସହିତ ଭାରତୀୟ କୂଟନୀତିଜ୍ଞଙ୍କ ବିରୋଧରେ ହିଂସା ପାଇଁ ପନ୍ନୁ ଆହ୍ୱାନ ଦେଇଛି।

## ବର୍ଷ ସାରା...

ପରିଣତ ହୋଇ ଦିଲ୍ଲୀ ବାୟୁକୁ ପ୍ରବଳ ମାତ୍ରାରେ ପ୍ରଦୂଷଣ କରିଛି । ଏଥିପାଇଁ ସହରବାସୀଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ଚିନ୍ତା ପ୍ରକଟ କରି ଦିଲ୍ଲୀ ସରକାର ବାଣ ଉପରେ ସ୍ଥାୟୀ ନିଷେଧାଦେଶ ନେଇ ନିଷ୍ପତ୍ତି ନେବାକୁ କୋର୍ଟ ଦାବି କରିଛନ୍ତି।

ଦିଲ୍ଲୀ ପୁଲିସ ଓ ଦିଲ୍ଲୀ ସରକାର କାହିଁକି ବାଣ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ବୋଲି ପ୍ରଶ୍ନ କରି ସୁପ୍ରିମକୋର୍ଟ ଗତ ସପ୍ତାହରେ ଏକ ନୋଟିସ ଜାରି କରିଥିଲେ। ଏହାର ଜବାବରେ ସୋମବାର ଦିଲ୍ଲୀ ପୁଲିସ ମୁଖ୍ୟ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରିଥିଲେ। ଯେଉଁଥିରେ ପଦକ୍ଷେପ ନିଆଯାଇଛି ବୋଲି ଉଲ୍ଲେଖ ଥିଲା। କିନ୍ତୁ ଏହା କେବଳ ଲୋକ ଦେଖାଣିଆ ବୋଲି କହି କୋର୍ଟ ଏହାକୁ ଭର୍ତ୍ସନା କରିଛନ୍ତି।

# ପୂଜା ମହୋତ୍ସବରେ ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିଛି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂଜା ମହୋତ୍ସବରେ ଅତ୍ୟଧିକ ଟ୍ରେନ ଯାତ୍ରା ଚାହିଦା ପୂରଣ କରିବା ଏବଂ ଯାତ୍ରୀମାନଙ୍କ ପାଇଁ ନିରାପଦ ଏବଂ ସୁଗମ ପରିବହନକୁ ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳବାଇ ବିଶେଷ ଭାବେ ପୂର୍ବତଟ ରେଳପଥ ଚଳିତ ବର୍ଷ ରେକର୍ଡ ସଂଖ୍ୟକ ବିଶେଷ ଟ୍ରେନ ଚଳାଚଳ କରାଇବା ସହିତ ଅସାଧାରଣ ପଦକ୍ଷେପ ନେଇଛି । ବିଶେଷ ଟ୍ରେନ୍ ଚଳାଚଳ ଏବଂ ବର୍ଦ୍ଧିତ ଯାତ୍ରୀ ଭିଡ଼ ପରିଚାଳନାକୁ ପୂର୍ବତଟ ରେଳପଥ ଗୁରୁତ୍ୱାରୋପ କରିଅଛି। ଏହି ପ୍ରୟାସଗୁଡିକ ଏହି ଶିଖର ସମୟ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଆରାମଦାୟକ ଯାତ୍ରା ସୁବିଧା ଏବଂ ନିରାପତ୍ତା ଯୋଗାଇବା ପାଇଁ ଉଦ୍ଦିଷ୍ଟ ଅଟେ ।

ଭାରତୀୟ ରେଳବାଇ ୨୦୨୪ ମସିହା ପାର୍ବଣ ଋତୁରେ ୭୭୦୦ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇ ଗତ ପାର୍ବଣ ସମୟରେ ଚଳାଚଳ କରୁଥିବା ୪୫୦୦ ସ୍ୱତନ୍ତ୍ର ଟ୍ରେନ୍ ଠାରୁ ଯଥେଷ୍ଟ ଭାବେ ବିଶେଷ ଟ୍ରେନ ଚଳାଚଳରେ ଏକ ଉଲ୍ଲେଖନୀୟ ବୃଦ୍ଧି । ଏହି ଟ୍ରେନ୍ ଗୁଡିକ ସମଗ୍ର ଭାରତର ଲୋକପ୍ରିୟ ଗନ୍ତବ୍ୟସ୍ଥଳକୁ ଯାଉଥିବା ଯାତ୍ରୀମାନଙ୍କ ଯାତ୍ରାକୁ ସୁଗମ କରିବା ପାଇଁ ଚଳାଚଳ କରାଯାଇଅଛି । ଅକ୍ଟୋବର ୧ ରୁ ନଭେମ୍ବର ୫, ୨୦୨୪ ପର୍ଯ୍ୟନ୍ତ, ଭାରତୀୟ ରେଳ ଏକାକୀ ସ୍ୱତନ୍ତ୍ର ଟ୍ରେନ୍ ମାଧ୍ୟମରେ ପ୍ରାୟ ୬୫ ଲକ୍ଷ ଯାତ୍ରୀଙ୍କୁ ସଫଳତାର ସହ ପରିବହନ କରିଛି । ଏଥିସହ, ଏହି ସମୟ ମଧ୍ୟରେ ପ୍ରାୟ ୭.୫ କୋଟି ଯାତ୍ରୀ ବିହାର, ପୂର୍ବ ଉତ୍ତରପ୍ରଦେଶ ଏବଂ ଝାଡଖଣ୍ଡ ଭଳି ପ୍ରମୁଖ ଅଞ୍ଚଳକୁ ଉଭୟ ନିର୍ଦ୍ଧାରିତ ତଥା ସ୍ୱତନ୍ତ୍ର ଟ୍ରେନ୍ ମାଧ୍ୟମରେ ପରିବହନ କରିଛି । ପୂର୍ବତଟ ରେଳପଥ ଅଧୀନରେ ଅକ୍ଟୋବର ପହିଲା ଠାରୁ ନଭେମ୍ବର ମାସ ୧୦ ତାରିଖ ମଧ୍ୟରେ ନିମ୍ନଲିଖିତ ପ୍ରମୁଖ ପରିସଂଖ୍ୟାନ ସହିତ ସ୍ୱତନ୍ତ୍ର ଟ୍ରେନ୍ ସେବାଗୁଡିକ ଦୃଷ୍ଟାନ୍ତ ଭାବରେ ପରିଚାଳିତ ହୋଇଛି: ୨୨୦ ଟି ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଉତ୍ପନ୍ନ ହୋଇ ଦେଶର ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା । ଏହି ସମୟ ମଧ୍ୟରେ ୨୧୯ ଟି ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମାରେ ଏହାର ଗନ୍ତବ୍ୟ ଶେଷ କରିଥିଲା। ୨୧୮ ଟି ବିଶେଷ ଟ୍ରେନ୍ ପୂର୍ବତଟ ରେଳପଥ ମଧ୍ୟଦେଇ ଦେଶର ବିଭିନ୍ନ ସ୍ଥାନରୁ ଭିନ୍ନ ଭିନ୍ନ ପ୍ରଣତାକୁ ଯାତ୍ରା କରିଥିଲାବେଳେ ପ୍ରମୁଖ ଷ୍ଟେସନଗୁଡିକରେ ଏହାର ରହଣି ପ୍ରଦାନ କରିଥିଲା । ମୋଟାମୋଟି ଭାବେ, ଅକ୍ଟୋବର ୧ ରୁ ନଭେମ୍ବର ୧୦, ୨୦୨୪ ମଧ୍ୟରେ ପୂର୍ବତଟ ରେଳପଥ ଦ୍ୱାରା ୬୫୭ ଟି ସ୍ୱତନ୍ତ୍ର ଟ୍ରେନ୍ କୁ ପରିଚାଳନା କରାଯାଇଛି । ଏହି ଅବଧି ମଧ୍ୟରେ, ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଟ୍ରେନ୍ ଦ୍ୱାରା ୩.୩୩ ଲକ୍ଷରୁ ଅଧିକ ଯାତ୍ରୀ ପରିବହନକୁ ପରିଚାଳନା କରିଛି, ଯେଉଁଥିରେ ୨.୧୬ ଲକ୍ଷ ସଂରକ୍ଷିତ ଶ୍ରେଣୀ ଯାତ୍ରୀ ଏବଂ ୧.୧୬ ଲକ୍ଷ ଅଣସଂରକ୍ଷିତ ଶ୍ରେଣୀ ଯାତ୍ରୀ ଅନ୍ତର୍ଭୁକ୍ତ ଅଟନ୍ତି । ଯାତ୍ରୀମାନଙ୍କ ପ୍ରବାହକୁ ଏକ ସୁ-ସଂଗଠିତ ଏବଂ କାର୍ଯ୍ୟକ୍ଷମ ଢଙ୍ଗରେ ନିୟନ୍ତ୍ରଣ କରାଯିବା ପାଇଁ ପୂର୍ବତଟ ରେଳପଥ ଏହି ବର୍ଷ ଉଲ୍ଲେଖନୀୟ ଅଗ୍ରଗତି କରିଛି । ଯାତ୍ରୀମାନଙ୍କ ସୁରକ୍ଷା, ଆରାମଦାୟକ ଯାତ୍ରା ଏବଂ ସୁଗମ ଯାତ୍ରା ସୁନିଶ୍ଚିତ କରିବାକୁ ଷ୍ଟେସନଗୁଡିକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାର୍ଯ୍ୟକାରୀ କରିଛି: ବର୍ଦ୍ଧିତ ଟିକେଟ୍ ସୁବିଧା: ଷ୍ଟେସନ ପ୍ଲାଟଫର୍ମ ଭିତରେ ଅଧିକ ଗହଳି ଏଡ଼ାଇବା ଏବଂ ଯାତ୍ରୀମାନଙ୍କ ପାଇଁ ବୁକିଂ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏହି ହୋଲଡିଂ ଅଞ୍ଚଳରେ ଥିବା ପ୍ରମୁଖ ଷ୍ଟେସନ ବାହାରେ ଅତିରିକ୍ତ ଟିକେଟ୍ କାଉଣ୍ଟର ସ୍ଥାପନ କରାଯାଇଛି । ଧାଡି ପରିଚାଳନା : ଉଭୟ ସଂରକ୍ଷିତ ଏବଂ ଅଣସଂରକ୍ଷିତ ଅଞ୍ଚଳରେ ଭିଡ଼ର ଗତିବିଧି ପରିଚାଳନା ପାଇଁ ଏକ କଠୋର ଧାଡି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ରେଳ ସୁରକ୍ଷା ବଳ (ଆରପିଏଫ) ସମେତ ସୁରକ୍ଷା କର୍ମୀ ମାନଙ୍କ ଦ୍ୱାରା ଶୃଙ୍ଖଳା ବଜାୟ ରଖିବା ଏବଂ ଯାତ୍ରୀଙ୍କ ଯାତାୟାତ ସୁନିଶ୍ଚିତ କରିବା ପାଇଁ ନିୟୋଜିତ କରାଯାଇଛି । ଉନ୍ନତ ବୋର୍ଡିଂ ପ୍ରକ୍ରିୟା: ଯାତ୍ରୀମାନଙ୍କୁ ସ୍ୱତନ୍ତ୍ର ଟ୍ରେନରେ ଯିବା ପାଇଁ ପୂର୍ବତଟ ରେଳପଥ ଏକ ଶୃଙ୍ଖଳିତ ଏବଂ ସମନ୍ୱିତ ପ୍ରକ୍ରିୟା କାର୍ଯ୍ୟକାରୀ କରିଛି । ଉଭୟ ଷ୍ଟେସନ ପରିସର ଏବଂ ଷ୍ଟେସନ ସଂଲଗ୍ନ ଅଞ୍ଚଳରେ ଯାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଶୃଙ୍ଖଳା ବଜାୟ ରଖିବା ପାଇଁ ସୁରକ୍ଷା କର୍ମୀ ଏବଂ ଷ୍ଟେସନ କର୍ମଚାରୀ ମାନଙ୍କୁ ପ୍ରମୁଖ ସମ୍ବେଦନଶୀଳ ସ୍ଥାନମାନଙ୍କରେ ନିୟୋଜନ କରାଯାଇଅଛି । ଯାତ୍ରୀମାନଙ୍କ ସୁରକ୍ଷା ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ପାଇଁ, ବିଶେଷକରି ମାତ୍ରାଧିକ ଯାତ୍ରୀ ଭିଡ଼ ସମୟରେ ଭିଡ଼ ନିୟନ୍ତ୍ରଣକୁ ତଦାରଖ କରିବା ପାଇଁ ପ୍ରାୟ ୫୦ ଜଣ ଆରପିଏଫ୍ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳ ରଖାଯାଇଛି । ଏହି କର୍ମଚାରୀମାନେ ଷ୍ଟେସନ କର୍ମଚାରୀଙ୍କ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି ଯାହାଦ୍ୱାରା ଟ୍ରେନଗୁଡିକ ଠିକ୍ ସମୟରେ ଚଳାଚଳ କରିପାରିବ ଏବଂ ଯାତ୍ରୀମାନେ ବିନା ଅସୁବିଧାରେ ଟ୍ରେନ ବୋର୍ଡିଙ୍ଗ କରିପାରିବେ । ବ୍ୟସ୍ତବହୁଳ ପୂଜା ଭିଡ଼ ସମୟରେ ଅତିରିକ୍ତ ପଦକ୍ଷେପଗୁଡିକ କାର୍ଯ୍ୟକାରୀ କରାଯାଇଥିଲା ଯାହାକି ଏକ ଉଚ୍ଚ ସଂଗଠିତ ଯାତ୍ରା ଅଭିଜ୍ଞତା ସୃଷ୍ଟି କରିଛି । ଯାତ୍ରୀ ସୁରକ୍ଷା ଏବଂ ସେବା ପାଇଁ ପୂର୍ବତଟ ରେଳପଥର ପ୍ରତିବଦ୍ଧତା । ପୂର୍ବତଟ ରେଳପଥ ଯାତ୍ରୀ ସୁରକ୍ଷା ଏବଂ ପାର୍ବଣ ଋତୁ ସମୟରେ ଟ୍ରେନ ଯାତ୍ରାକୁ ପ୍ରାଥମିକତା ଦେଇଛି । ଭିଡ଼ ପରିଚାଳନା ବ୍ୟତୀତ ପ୍ରମୁଖ ଷ୍ଟେସନରେ ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା କରାଯାଇଛି ଏବଂ ସ୍ୱତନ୍ତ୍ର ଟ୍ରେନର ନିରବଚ୍ଛିନ୍ନ ଚଳାଚଳ କାର୍ଯ୍ୟକୁ ସୁନିଶ୍ଚିତ କରିବା ପାଇଁ ନିୟମିତ ପରିଚାଳନା କରାଯାଉଛି । ଭାରତୀୟ ରେଳବାଇ, ଏହାର ସ୍ୱତନ୍ତ୍ର ଟ୍ରେନର ନେଟୱାର୍କ ଏବଂ ବ୍ୟାପକ ଭିଡ଼ ପରିଚାଳନା କୌଶଳ ସହିତ ପୂଜା ଋତୁ ସମୟରେ ଯାତ୍ରୀମାନଙ୍କ ପାଇଁ ଏକ ଦକ୍ଷ ଏବଂ ନିରାପଦ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରତିଶୃତିବଦ୍ଧ ଅଟେ ।

# ଉନ୍ନୟନ କମିଶନର ତଥା ଜଳସେଚନ ବିଭାଗଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଉନ୍ନୟନକମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ରବିବାର ଗଞ୍ଜାମ ଜିଲ୍ଲା ଗସ୍ତ କରି ଜଳବାୟୁ ସହନଶୀଳ କୃଷି ପାଇଁଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ(ଓଆଇଆଇପିସିଆରଏ)ଅଧିନରେ କାର୍ଯ୍ୟକାରୀ ହେଉଥିବା ଜଳସେଚନ ପ୍ରକଳ୍ପ ପରିଦର୍ଶନ କରିଥିଲେ ।ଶ୍ରୀମତୀ ଗର୍ଗ, ଓଆଇଆଇପିସିଆରଏ ମାଧ୍ୟମରେଉନ୍ନତିକରଣ କରାଯାଇଥିବା ଛତ୍ରପୁର ବ୍ଲକର ଇଟାଗଡିଆ ବନ୍ଧ ଏମଆଇପି ଅଧୀନସ୍ଥ ରାଧାକୃଷ୍ଣ ପାଣି ପଂଚାୟତର ସଭ୍ୟମାନଙ୍କ ସହ ଆଲୋଚନା କରିଜଳବାୟୁ ସହନଶୀଳ ପଦ୍ଧତି ଓ ଜ୍ଞାନକୌଶଳ ଅବଲମ୍ବନ କରି ସେମାନେ କିପରି ଲାଭ ପାଉଛନ୍ତି ସେ ସମ୍ପର୍କରେ ସେମାନଙ୍କଠାରୁ ପଚାରି ବୁଝିଥିଲେ । ଏହି ପ୍ରକଳ୍ପରେ ଟ୍ୟାଙ୍କ ବା ପୋଖରୀର ହେଡ୍ ୱର୍କରେ ଉନ୍ନତି ଅଣାଯିବା ସହ ପାଣିର ଉପଯୁକ୍ତ ବ୍ୟବହାର ପାଇଁ କେନାଲ ଓ କ୍ଷେତ୍ର ପ୍ରଣାଳୀ ନିର୍ମାଣ କରାଯାଇଛି। ସୋଲାର ବୋର କୂଅ ମଧ୍ୟ ସ୍ଥାପନ କରାଯାଇ ଜଳର ସଠିକ ବ୍ୟବହାରକୁ ସୁନିଶ୍ଚିତ କରାଯାଇଛି । ଏହି ଅବସରରେ ସେମାନଙ୍କ ଦ୍ୱାରା ସବୁଜ ଖତ, ଧାନ ବୁଣାଯିବା କୃଷିଯାନ୍ତ୍ରିକ ଉପକରଣ, ରାଗି, ମୁଗ, ସୂର୍ଯ୍ୟମୁଖୀର ଉନ୍ନତ ପ୍ୟାକେଜ୍ ପ୍ରସ୍ତୁତି ଏବଂ ଉତ୍ତମ ଅଭ୍ୟାସପ୍ରଦର୍ଶନ କରାଯାଉଛି । ପାଣି ପଂଚାୟତ ସ୍ତରରେ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଉପଲବ୍ଧ କରାଇବା ପାଇଁ କଷ୍ଟମ ହାୟାରିଂ ସେଂଟର (ସିଏଚସି) ବିକଶିତ କରାଯାଇଛି। ଏହାବ୍ୟତୀତମିନି ଡାଲି ମିଲ୍, କ୍ଷୁଦ୍ର ତୈଳଘଣା ୟୁନିଟ୍ ଏବଂ କ୍ଷୁଦ୍ର ଶସ୍ୟ (ମିଲେଟ୍ ) ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସଶକ୍ତ କରାଯାଇଛି । ହାଇବ୍ରିଡ୍ ପନିପରିବା ଚାଷ କରାଯାଉଥିବା ଅଂଚଳକୁ ସମ୍ପ୍ରସାରିତ କରାଯାଇଛି ଏବଂ ଛତୁ ଏବଂ ଭର୍ମିକମ୍ପୋଷ୍ଟ (ଜିଆଖତ) ୟୁନିଟ୍ ସ୍ଥାପନ କରାଯାଇ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟ ବୃଦ୍ଧି କରାଯାଇଛି ।ଅମଳ ପରବର୍ତ୍ତୀ କ୍ଷତିକୁ ହ୍ରାସ କରିବା ପାଇଁ ସଂରକ୍ଷଣ ୟୁନିଟ୍ ଏବଂ ପ୍ୟାକ୍ ହାଉସ୍ ମଧ୍ୟ ବିକଶିତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରକଳ୍ପ ରାଜ୍ୟର୧୫ଟି ଜିଲ୍ଲାରେ ଥିବା କ୍ଷୁଦ୍ର ଜଳସେଚନ (ଏମଆଇ)ର ସେଚାଂଚଳରେ ଜଳବାୟୁ ସହନଶୀଳକୃଷି ଉତ୍ପାଦନ ବୃଦ୍ଧିଓ ଫସଲବିବିଧିକରଣକୁ ବ୍ୟାପକ କରିବାର ଲକ୍ଷ୍ୟ ରଖିଛି।ଏହି ପ୍ରକଳ୍ପ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ମୁଖ୍ୟତଃ କୃଷି ବ୍ୟାପକକରଣ ଓ କୃଷି ବିବିଧିକରଣଏବଂ ଜଳସେଚନର ଉପଯୁକ୍ତ ବ୍ୟବହାର କରି ଏହାର ଉତ୍ପାଦକତା ବୃଦ୍ଧି, ସଂସ୍ଥାଗତ ଦକ୍ଷତା ବୃଦ୍ଧି ପୂର୍ବକ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଏବଂ ଫଳଚାଷ ଆଦି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛି । ପ୍ରକଳ୍ପ କାର୍ଯ୍ୟକଳାପ ମଧ୍ୟରେ ଜଳ ଉପଲବ୍ଧତା ବୃଦ୍ଧି ଏବଂ ନିଶ୍ଚିତ ଜଳସେଚନ ଯୋଗାଣ ପାଇଁ ଟାଙ୍କି ବା ପୋଖରୀ ବ୍ୟବସ୍ଥାର ଉନ୍ନତି, ପାଣି ପଂଚାୟତ ତଥା ହିତାଧିକାରୀମାନଙ୍କୁ ମୁଖ୍ୟତଃ ଜଳବାୟୁ ସ୍ମାର୍ଟ କୃଷି ଅଭ୍ୟାସ ପ୍ରଦର୍ଶନ, କୃଷକ ଏବଂ ଅନ୍ୟ ଅଣ-କୃଷକଙ୍କ ଦକ୍ଷତା ବୃଦ୍ଧି, କୃଷି ଜାତ ଦ୍ରବ୍ୟର ମାର୍କେଟିଂ ସୁବିଧା ଇତ୍ୟାଦି ଅନ୍ତର୍ଭୁକ୍ତ ।

# ନୂଆବର୍ଷରୁ ନୂଆ ୟୁନିଫର୍ମ ପିନ୍ଧିବେ ନର୍ସିଂ ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆ ବର୍ଷ ଜାନୁଆରୀ ଏକ ତାରିଖରୁ ନୂଆ ୟୁନିଫର୍ମ ପିନ୍ଧିବେ ନର୍ସିଂ ଅଧିକାରୀ। ତାରିଖ ଚୂଡାନ୍ତ ନ ହୋଇଥିଲେ ବି ଜାନୁଆରୀ ଏକ ତାରିଖ ପାଇଁ ପ୍ରସ୍ତାବ ଦିଆଯାଇଛି । କପଡା ଅଣାଯିବ, ଟେଲର ଚୂଡାନ୍ତ ହେବ, ଯାହା ସମୟ ଲାଗିବ ବୋଲି ନର୍ସିଂ ନିର୍ଦ୍ଦେଶକ ଗୁନୁରାଣୀ ପଟ୍ଟନାୟକ କହିଛନ୍ତି । ନର୍ସିଂ କର୍ମଚାରୀ ଆନ୍ଦୋଳନ କରି ଡ୍ରେସ ବଦଳିବା ପାଇଁ ଦାବି କରିଥିଲେ । ଏହାକୁ ବଦଳିବା ପାଇଁ ସ୍ୱାସ୍ଥ୍ୟ ସଚିବ ଗତ ନଭେମ୍ବର ୮ରେ ଅନୁମୋଦନ ଦେଇଛନ୍ତି । ସବୁ ଜିଲ୍ଲାକୁ ଚିଠି ହୋଇଯାଇଛି । ନର୍ସିଂ କର୍ମଚାରୀଙ୍କ ଅନ୍ୟ ଦାବି ଭିତରେ ଗ୍ରେଡେସନ ଲିଷ୍ଟ ଓ ଖାଲି ପଦବୀ ପୁରଣ ଥିଲା । ଗ୍ରେଡେସନ ଲିଷ୍ଟ ପାଇଁ କାମ ଚାଲିଛି । ୮୦ ପ୍ରତିଶତ ସିଡିଏମଓମାନେ ଏହା ପଠାଉଛନ୍ତି । ଏଠି ଯାଂଚ ଚାଲିଛି । ଭୁଲ ବାହାରିଲେ ଫୋନ ଜରିଆରେ କହୁଛୁ ଆଉ ଥରେ ପଠାଇବାକୁ । ଯେଉଁମାନେ କେସ କରିଛନ୍ତି, ଉତ୍ତର ରଖିବାକୁ ସମ୍ପୃକ୍ତ ସିଡିଏମଓମାନଙ୍କୁ କୁହାଯାଇଛି । ଖୁବ ଶୀଘ୍ର ଗ୍ରେଡେସନ ଲିଷ୍ଟ ବାହାରିବ । ରାଜ୍ୟରେ ୧୫,୨୪୨ ନର୍ସିଂ କର୍ମଚାରୀ ଅଛନ୍ତି ବୋଲି ଗୁନୁ ରାଣୀ ପଟ୍ଟନାୟକ କହିଛନ୍ତି ।



ପାୱାରଗ୍ରୀଡ୍
POWERGRID

ବିଜ୍ଞପ୍ତି

୧. ନିୟମାବଳୀ-୮୬ ଅନୁଯାୟୀ ଅନୁମୋଦନ ସିଇଆରସି (ବ୍ୟବସାୟର ଆଚରଣ) ରେଗୁଲେସନ ୧୯୯୯ ଏବଂ ସିଇଆରସି ଶୁଳ୍କର ସର୍ତ୍ତାବଳୀ ରେଗୁଲେସନ ୨୦୧୯ ଫର ଟ୍ରାନ୍ସମିଶନ୍ ଶୁଳ୍କର ନିର୍ଣ୍ଣୟ ପାଇଁ ଡିଓସିଏସ୍ କୁ ୩୧-୩-୨୦୨୪ ସମ୍ପତ୍ତିର (୦୧ ନଂ) ପୂର୍ବାଞ୍ଚଳର ଅଞ୍ଚଳ ବିସ୍ତାର ଯୋଜନା-XXXVI (ERES-XXXVI)

୨. ଉପରୋକ୍ତ ଟ୍ରାନ୍ସମିଶନ ସିଷ୍ଟମର ହିତାଧିକାରୀମାନେ ହେଲେ (୧) ବିହାର ଷ୍ଟେଟ୍ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍। (୨) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ୍। (୩) ଗ୍ରୀଡ୍ କର୍ପୋରେସନ ଆଫ୍ ଓଡିଶା ଲିମିଟେଡ । (୪) ଦାମୋଦର ଭ୍ୟାଲି କର୍ପୋରେସନ। (୫) ଶକ୍ତିବିଭାଗ ସିକିମ୍ ସରକାର, ଗ୍ୟାଙ୍ଗଟକ୍। (୬) ଝାରଖଣ୍ଡ ବିଜଳି ଭିତ୍ରାନ ନିଗମ ଲିମିଟେଡ।

୩. କୌଣସି ବେସ୍ ନାହିଁ, ଅନୁମୋଦିତ ପୁଞ୍ଜି ମୂଲ୍ୟ (RS ଲକ୍ଷରେ) ବାଣିଜ୍ୟିକ ଅପରେସନ ତାରିଖ ଏବଂ କ୍ୟାପିଟାଲ ବାଣିଜ୍ୟିକ ଅପରେସନ ତାରିଖ ପର୍ଯ୍ୟନ୍ତ

( RS ଲକ୍ଷରେ)

| ସମ୍ପତ୍ତି | ନଂ ଅଫ୍ ବେସ୍ | ଅନୁମୋଦିତ କ୍ୟାପିଟାଲ୍ ମୂଲ୍ୟ (ଲକ୍ଷରେ) | ଡିଓସିଓ | ଡିଓସିଓରେ ପୁଞ୍ଜି ମୂଲ୍ୟ (ଲକ୍ଷରେ) |
|---|---|---|---|---|
| ସମ୍ପତ୍ତି-୧ | 01 (220kV) & 01 (132kV) | 2943.00 | 18.08.2024 | 711.48 |

୪. ଶୁଳ୍କ ଅବଧି ୨୦୧୯-୨୪ ପାଇଁ ବାର୍ଷିକ ଟ୍ରାନ୍ସମିଶନ୍ ଶୁଳ୍କ ନିମ୍ନରେ ସଂକ୍ଷିପ୍ତ ହୋଇଛି: (₹ ଲକ୍ଷରେ)

| ସମ୍ପତ୍ତି / ଶୁଳ୍କ | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|
| ସମ୍ପତ୍ତି-୧ | 174.51 | 451.36 | 537.55 | 532.79 | 528.58 |

୫.ଶୁଳ୍କ ନିର୍ଣ୍ଣୟ ପାଇଁ ପ୍ରସ୍ତୁତ ଆବେଦନର ଏକ ନକଲ ଆବେଦନକାରୀଙ୍କ ୱେବସାଇଟରେ www.powergrid.Inରେ ପୋଷ୍ଟ କରାଯାଇଛି ।

୬.ଆବେଦନରେ ଥିବା ଶୁଳ୍କ ନିର୍ଣ୍ଣୟ ପାଇଁ ପ୍ରସ୍ତାବ ଉପରେ ଯଦି କୌଣସି ବ୍ୟକ୍ତି ହିତାଧିକାରୀଙ୍କ ସମେତ ଅଭିଯୋଗ ଥାଏ ତେବେ ସଚିବ, କେନ୍ଦ୍ରୀୟ ବିଦ୍ୟୁତ, ନିୟାମକ ଆୟୋଗ, ତୃତୀୟ ଏବଂ ଚତୁର୍ଥ ମହଲା ଚନ୍ଦ୍ରାଲୋକ ବିଲ୍ଡିଂ ଜନପଥ, ନୂଆଦିଲ୍ଲୀ-୧୧୦୦୦୧ (କିମ୍ବା ଅନ୍ୟ ଠିକଣା ଯେଉଁଠାରେ ଆୟୋଗର କାର୍ଯ୍ୟାଳୟ ଅବସ୍ଥିତ) ଏହି ବିଜ୍ଞପ୍ତି ପ୍ରକାଶ ହେବାର ୩୦ ଦିନ ମଧ୍ୟରେ ଆବେଦନକାରୀଙ୍କୁ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାରେ ଏକ କପି ସହିତ ପଠାଇବାକୁ ହେବ।

ସ୍ଥାନ-ଗୁରୁଗ୍ରାମ
ତାରିଖ-୧୧.୧୧.୨୦୨୪

ଜେନେରାଲ୍ ମ୍ୟାନେଜର
(ବାଣିଜ୍ୟିକ)

ପାୱାରଗ୍ରୀଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଏଣ୍ଟରପ୍ରାଇଜ୍)
ରେଜିଷ୍ଟ୍ରେଡ୍ ଅଫିସ୍ : ବି-୯, କୁତବ ଇନ୍ଷ୍ଟିଚ୍ୟୁସନାଲ ଏରିଆ, କଟ୍ୱାରିଆ ସରାଇ, ନୂଆଦିଲ୍ଲୀ-110016
କର୍ପୋରେଟ୍ ଅଫିସ : ସୌଦାମିନି, ପ୍ଲଟ ନଂ-୨, ସେକ୍ଟର-୨୯, ଗୁରୁଗ୍ରାମ, ହରିୟାନା-122001
www.powergrid.in, CIN: L40101DL1989GOI038121
ଏ ମହାରତ୍ନ ପିଏସ୍ୟୁ

PG/CC/Notice-122/Advt-156/2024-25 Critique

ଭୁବନେଶ୍ୱର
୧୨ ନଭେମ୍ବର
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ବଡ଼ଠାକୁରଙ୍କ ହରିହର ବେଶ



**ପୁରୀ ୧୧/୧୧ ନ୍ୟୁଜ ବ୍ୟୁରୋ**

ସୋମବାର ଶ୍ରୀମନ୍ଦିରରେ ବଡ଼ଠାକୁରଙ୍କ ହରିହର ବେଶ ଅନୁଷ୍ଠିତ ହୋଇଛି । ଅବକାଶ ନୀତି ପରେ ବଡ଼ଠାକୁରଙ୍କୁ ହରିହର ବେଶରେ ସଜ୍ଜିତ କରାଯାଇଥିଲା। ବଡ଼ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବାବେଳେ ଏହି ବେଶରେ ହରି (ବିଷ୍ଣୁ) ଓ ହର (ଶିବ)ଙ୍କ ଆତ୍ମୀୟତା ପ୍ରସ୍ଫୁଟିତ ହୋଇଥାଏ । ଏହି ବେଶରେ ବଡ଼ଠାକୁର ଅର୍ଦ୍ଧେକ ଧଳା ଓ ଅର୍ଦ୍ଧେକ କଳା ଦିଶିବା ସହ ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥିଲେ। କାର୍ତ୍ତିକ ମାସର ଦୀପାବଳି ଅମାବାସ୍ୟା ଠାରୁ ଶୁକ୍ଳ ଦଶମୀ ମଧ୍ୟରେ ସୋମବାର ପଡ଼ିଲେ ରତ୍ନସିଂହାସନରେ ଅଧିଷ୍ଠିତ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି । ଚଳିତ ବର୍ଷ ଦୀପାବଳି ଅମାବାସ୍ୟା ପରେ ସୋମବାର ହୋଇଥିବାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅବକାଶ ନୀତି ପରେ ବଡ଼ଠାକୁରଙ୍କୁ ହରିହର ବେଶରେ ସଜ୍ଜିତ କରାଯାଇଥିଲା। କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ପୁଷ୍ପାଳକ ସେବକମାନେ ବଡ଼ଠାକୁରଙ୍କୁ ହରିହର ବେଶରେ ଏବଂ ଶ୍ରୀଜଗନ୍ନାଥଙ୍କୁ ରାଧାଦାମୋଦର ବେଶରେ ସଜ୍ଜିତ କରିଥିଲେ। ଶ୍ରୀମନ୍ଦିରରେ ବଡ଼ଠାକୁରଙ୍କ ହରିହର ବେଶ ସାଙ୍ଗକୁ ଶ୍ରୀଜଗନ୍ନାଥଙ୍କର ରାଧାଦାମୋଦର ବେଶ ଦେଖି ଭକ୍ତ ଆତ୍ମତୃପ୍ତି ଲାଭ କରିଛନ୍ତି। ସେହିପରି ଶ୍ରୀମନ୍ଦିରରେ ଅପରାହ୍ଣରେ ହୋଇଛି ଧ୍ୱଜାବନ୍ଧା ନୀତି। ସନ୍ଧ୍ୟା ବଦଳରେ ଅପରାହ୍ଣ ସାଢେ ୩ଟାରୁ ୪ଟା ମଧ୍ୟରେ ଧ୍ୱଜାବନ୍ଧା ନୀତି ହୋଇଛି। କାର୍ତ୍ତିକ ମାସରେ ବଡ଼ଦେଉଳରେ ଅସମ୍ଭାଳ ଭିଡ଼ ଯୋଗୁଁ ଧ୍ୱଜାବନ୍ଧା ନୀତି ଅପରାହ୍ଣରେ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଚୁନରା ସେବକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସୂଚନାନୁଯାୟୀ, ସନ୍ଧ୍ୟା ସମୟରେ ଧ୍ୱଜାବନ୍ଧା ନୀତି ଦେଖିବା ପାଇଁ ଶ୍ରୀମନ୍ଦିର ଭିତରେ ଏବଂ ସିଂହଦ୍ୱାର ବାହାର ମାର୍ଗରେ ଜନଗହଳି ରହିଥିଲା। ତେଣୁ ଏକ ସପ୍ତାହ ପାଇଁ ଅପରାହ୍ଣ ସାଢେ ୩ଟାରେ ବଡ଼ଦେଉଳରେ କମ୍ ଗହଳି ଥିବା ବେଳେ ଏହି ନୀତି ହେବାକୁ ନେଇ ଶ୍ରୀମନ୍ଦିର କମାଣ୍ଡର ଓ ସୁପରଭାଇଜାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ କୌଣସି ବ୍ୟତିକ୍ରମ ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି।



ଭୁବନେଶ୍ୱର : ଅଁଳା ନବମୀ ଅବସରରେ ୟୁନିଟ୍-୬ରେ ଥିବା ରାଧାକୃଷ୍ଣ ମନ୍ଦିରରେ ଭକ୍ତମାନେ ରାଧାପାଦ ଦର୍ଶନ କରିବା ସହ ଚତୁଃ ପ୍ରହର ନାମଯଜ୍ଞ କରାଯାଇଛି। (ଫଟୋ : ସମ୍ବାଦ କଳିକା)




ଭୁବନେଶ୍ୱର : ପଞ୍ଚୁକର ପ୍ରଥମ ଦିବସରେ ମା' ବୃନ୍ଦାବତୀଙ୍କ ନିକଟରେ ଜଣେ ପୂଜକ ଆକାଶ ଦୀପ ଲାଗି କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

### କାର୍ତ୍ତିକ ମାସର ଶେଷ ସୋମବାରରେ ଧବଳେଶ୍ୱର ପୀଠରେ ଭକ୍ତଙ୍କ ସମାଗମ

# ଆଶୁତୋଷ ବେଶରେ ଦର୍ଶନ ଦେଲେ ବାବା

**ଆଠଗଡ଼, ୧୧/୧୧ ନ୍ୟୁଜ ବ୍ୟୁରୋ**

ବାବା ଧବଳେଶ୍ୱର ପୀଠରେ କାର୍ତ୍ତିକ ମାସର ଶେଷ ସୋମବାର । ଆଶୁତୋଷ ବେଶରେ ଦର୍ଶନ ଦେଉଛନ୍ତି ବାବା ଧବଳେଶ୍ୱର । ଏଥିଯୋଗୁଁ ଚଳଚଞ୍ଚଳ ହୋଇ ଉଠିଛି ଆଠଗଡ଼ର ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କ ପୀଠ । ଧାର୍ମିକ ବିଶ୍ୱାସ ରହିଛି ଏହି ଦିନରେ ଦେବ ଦେବ ମହାଦେବଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହ ମାନସିକ ଶାନ୍ତି ମିଳିଥାଏ । ସେଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ରାତି ୩ଟା ବେଳେ ଦ୍ୱାର ଫିଟା ଯାଇ ୧୦୮ ଗରା ଜଳରେ ମହାସ୍ନାନ କରାଯାଇ ମଇଲମ, ମଙ୍ଗଳ ଆଳତୀ ଆଦି ସମସ୍ତ ରୀତିନୀତି



କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ଛଡ଼ା ଯାଇଥିଲା । ଏଥିପାଇଁ ପ୍ରଶାସନ ତଥା ପୂଜକ ସମାଜ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। କଂକ୍ରିଟ ସେତୁ ଦେଇ ଶ୍ରଦ୍ଧାଳୁମାନେ ପୀଠକୁ ଯାଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି।

ଏଥିପାଇଁ କାର୍ତ୍ତିକ ମାସ ସାରା ଓଡ଼ିଶାର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସୁଅ ଛୁଟେ। ସେହିପରି ନୟାଗଡ଼ ଜିଲ୍ଲାର ଲଡୁବାବାଙ୍କ ପୀଠରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶରଣକୂଳରେ ମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା।

# ତିନି ବର୍ଷର ରଦ୍ଦି ସାମଗ୍ରୀ ବିକ୍ରି ୨୩୬୪ କୋଟି ଆୟ କଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ, ୧୧/୧୧**

ରଦ୍ଦି ସାମଗ୍ରୀ ବିକ୍ରି କରି କେନ୍ଦ୍ର ସରକାର ଜବରଦସ୍ତ ଆୟ କରିବାକୁ ସକ୍ଷମ ହୋଇଛନ୍ତି । ଗତ ୩ ବର୍ଷରେ ସରକାର ଏଭଳି ସାମଗ୍ରୀ ବିକ୍ରି କରି ୨୩୬୪ କୋଟି ଟଙ୍କା ଆୟ କରିଥିବା ଶିଳ୍ପ ଏବଂ ଆନ୍ତଃ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ପକ୍ଷରୁ ସୂଚନା ମିଳିଛି । ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ ବିକ୍ରି କରାଯାଇଛି ଏହି ରଦ୍ଦି ସାମଗ୍ରୀ । କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏ ନେଇ ଏକ ପୋଷ୍ଟ କରିଛନ୍ତି । ସରକାର ସ୍ୱଚ୍ଛତା ଅଭିଯାନକୁ ବ୍ୟାପକ କରିଛନ୍ତି । ଏହା ମଧ୍ୟରେ ଦସ୍ତାବିଜ ସହ ଇ-ଫାଇଲ ସାମିଲ ରହିଛି । ଏହି ଅଭିଯାନରୁ ସରକାର ଚଳିତ ବର୍ଷ ୬୫୦.୧୦ କୋଟି ଟଙ୍କା ଆୟ କରିବାକୁ ସକ୍ଷମ ହୋଇଛନ୍ତି ବୋଲି କହିଛନ୍ତି ଶ୍ରୀ ସିଂ । ସରକାରୀ କାର୍ଯ୍ୟାଳୟରେ ପଡିଥିବା ବିଭିନ୍ନ ଅନାବଶ୍ୟକ ସାମଗ୍ରୀ ଯଥା ଫାଇଲ ଗୁଡିକୁ ବିଭିନ୍ନ ସମୟରେ ରିଭ୍ୟୁ କରିବାକୁ ପଡିଥାଏ । ଚତୁର୍ଥ ଥର ଲାଗି ସରକାର ଏଭଳି ଅଭିଯାନ ଆରମ୍ଭ କରିଛନ୍ତି । ଏହାକୁ ସ୍ପେଶାଲ କ୍ୟାମ୍ପେନ ୪.୦ ନାମ ଦିଆଯାଇଥିଲା । ଏହା ଦ୍ୱାରା ରାଜକୋଷକୁ ଅର୍ଥ ଆସିବା ସହ ସରକାରୀ ବିଭାଗରେ ସ୍ୱଚ୍ଛତାରେ ସହାୟକ ହୋଇଛି ବୋଲି କହିଛନ୍ତି ସରକାର । କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂଙ୍କ ପୋଷ୍ଟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିକ୍ରିୟା ଦେଇଛନ୍ତି । ଶ୍ରୀ ମୋଦି ଏକ୍ସ ପୋଷ୍ଟରେ ଲେଖିଛନ୍ତି, ଏହା ଏକ ପ୍ରଶଂସନୀୟ କାର୍ଯ୍ୟକ୍ରମ । ଦକ୍ଷ ପରିଚାଳନା ଓ କାର୍ଯ୍ୟଧାରା ଯୋଗୁ ଏଭଳି ସଫଳତା ସରକାରଙ୍କୁ ମିଳିଛି ।

# ଦ୍ୱୈତନଗରୀରେ ବଢୁଛି ଆତ୍ମହତ୍ୟା ଅକ୍ଟୋବରରେ ୯୪ଜଣ ବିଷ ପିଇଛନ୍ତି




**ଭୁବନେଶ୍ୱର, ୧୧/୧୧ ନ୍ୟୁଜ ବ୍ୟୁରୋ**

ଦ୍ୱୈତନଗରୀରେ ଆତ୍ମହତ୍ୟା ହାର ବଢ଼ିଚାଲିଛି । ଗତ ଅକ୍ଟୋବରରେ ମୋଟ ୯୪ଜଣ ବିଷ ପିଇ ମରିଛନ୍ତି । ସେଥିରୁ ୩୨ଜଣ ରାଜଧାନୀର । ବାକି ୬୨ଜଣ କଟକରେ ବିଷ ପିଇ ଜୀବନ ହାରିଛନ୍ତି । ଅର୍ଥାତ, ରାଜଧାନୀ ଅପେକ୍ଷା କଟକରେ ୨ ଗୁଣା ବିଷ ପିଇଛନ୍ତି । କମିଶନରେଟ ପୁଲିସର ଅପମୃତ୍ୟୁ ଜନିତ ମାମଲାର ତଥ୍ୟରୁ ଏହା ଜଣାପଡିଛି । ତଥ୍ୟ ଅନୁସାରେ, ଗତମାସରେ ମୋଟ ୪୬୮ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା । ଯେଉଁଥିରୁ ୯୪ଜଣ ବିଷ ପିଇ ଜୀବନ ହାରିଥିଲେ। ମୋଟ ୨୬ଜଣ ବେକରେ ରଶି, ଗାମୁଛା, ଲୁଗା ଓ ଚୁନରି ଗୁଡ଼ାଇ ଆତ୍ମହତ୍ୟା କରିଥିଲେ । ଭୁବନେଶ୍ୱରରୁ ୧୫ଜଣ, କଟକରୁ ୧୧ଜଣ ଜୀବନ ହାରିବା ପାଇଁ ଏଭଳି ପନ୍ଥା ଆପଣାଇଥିଲେ । ସେହିପରି ନିଆଁରେ ପୋଡି ହୋଇ ୨୨ଜଣଙ୍କ ଜୀବନ ଯାଇଛି । ସେଥିରୁ ଭୁବନେଶ୍ୱରରୁ ୧୦ଜଣ ଓ କଟକରୁ ୧୨ଜଣ ଅଛନ୍ତି । ପାଣିରେ ବୁଡି ୧୨ଜଣ ମରିଛନ୍ତି । ସାପ କାମୁଡିବା ଯୋଗୁଁ ୩୧ଜଣଙ୍କ ପ୍ରାଣ ଯାଇଛି । ଛାତ କିମ୍ବା ପାହାଡ଼ରୁ ଡେଇଁ ୧୫ଜଣଙ୍କ ଜୀବନ ଯାଇଛି । ଦ୍ୱୈତନଗରୀରେ ଅପମୃତ୍ୟୁ ମାମଲାରେ ସର୍ବାଧିକ ୩୪୪ ଜଣ ପୁରୁଷ ଅଛନ୍ତି । ଭୁବନେଶ୍ୱରରେ ୧୫୮ଜଣ ପୁରୁଷଙ୍କ ମୃତ୍ୟୁ ଘଟିଥିବା ବେଳେ କଟକରେ ୧୮୭ ଜଣଙ୍କ ମୃତ୍ୟୁ ଘଟିଛି । ୧୨୪ ଜଣ ମୃତକ (ମହିଳା)ଙ୍କର ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ଭୁବନେଶ୍ୱରରୁ ୫୪ ଓ କଟକରୁ ୭୦ଜଣ ମହିଳା ମରିଛନ୍ତି । ବଡ଼ କଥା ହେଲା, ୩୧ରୁ ୪୦ ବର୍ଷ ବୟସ ଭିତରେ ସର୍ବାଧିକ ୭୦ଜଣ ପୁରୁଷ ଜୀବନ ହାରିଛନ୍ତି । ସେହିପରି ୪୧ରୁ ୫୦ ବର୍ଷ ବୟସ ଭିତରେ ୬୪ଜଣଙ୍କ ପ୍ରାଣ ଯାଇଛି । ଅଘଟଣ ଯୋଗୁ ୧୦ରୁ କମ୍ ବୟସ୍କ ୫ଜଣ ଶିଶୁପୁତ୍ରଙ୍କର ମୃତ୍ୟୁ ଘଟିଛି । କିନ୍ତୁ ମହିଳାଙ୍କ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗତ ମାସରେ ୫୧ରୁ ୬୦ ବର୍ଷ ବୟସ୍କ ମୋଟ ୨୯ଜଣ ମହିଳାଙ୍କ ମୃତ୍ୟୁ ଘଟିଛି।

# ଅବସର ପ୍ରାପ୍ତ ସିଜେଆଇ ଡିୱାଇ ଚନ୍ଦ୍ରଚୁଡ଼ଙ୍କୁ ସ୍ୱତନ୍ତ୍ର ପ୍ରୋଟୋକଲ୍ ସହ ମିଳିବ ସାରାଜୀବନ ଚାକର ଏବଂ ଡ୍ରାଇଭର ସୁବିଧା

**ନୂଆଦିଲ୍ଲୀ ୧୧।୧୧**

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବା ସିଜେଆଇ ଭାରତୀୟ ନ୍ୟାୟପାଳିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦ । ଏହା କେବଳ ଏକ ସମ୍ମାନଜନକ ପଦବୀ କହିବା ଭୁଲ୍ ହେବ । ପଦରେ ମିଳିଥାଏ ଅନେକ ଅଧିକାର ଏବଂ ବିଶେଷ ସୁବିଧା । ଯାହା ପ୍ରଧାନ ବିଚାରପତିଙ୍କ ଅବସର ପରେ ମଧ୍ୟ ତାଙ୍କୁ ମିଳିଥାଏ । ସିଜେଆଇ ଡିୱାଇ ଚନ୍ଦ୍ରଚୁଡ ବର୍ତ୍ତମାନ ଏହି ପଦବୀରେ ତାଙ୍କର କାର୍ଯ୍ୟ ସରିଯାଇଛି। ତାଙ୍କର ଗତ ଶୁକ୍ରବାର ଥିଲା ଶେଷ କାର୍ଯ୍ୟ ଦିବସ ।





ସେହିପରି ଭାରତୀୟ ନ୍ୟାୟପାଳିକାରେ ଧାର୍ଯ୍ୟ ନିୟମ ଅନୁଯାୟୀ ଅବସର ପରେ ତାଙ୍କୁ ଅନେକ ବିଶେଷ ସୁବିଧା ମିଳିବ । ଅବସର ପରେ ତାଙ୍କୁ କେବଳ ସମ୍ମାନ ଏବଂ ସର୍ବୋଚ୍ଚ ସୁବିଧା ମିଳିବ ତା ନୁହେଁ, ବରଂ ସିଜେଆଇ ପାଇଁ ସ୍ୱତନ୍ତ୍ର ପ୍ରୋଟୋକଲ୍ ମଧ୍ୟ ରହିବ। ଯାହା ଅବସର ପରେ ଲାଗୁ ହେବ । ଜଷ୍ଟିସ ଚନ୍ଦ୍ରଚୁଡଙ୍କୁ ଅନେକ ପ୍ରକାରର ସୁବିଧା ମିଳିଥାଏ ଏବଂ ଅବସର ପରେ ମଧ୍ୟ ତାଙ୍କୁ ଏହି ସୁବିଧା ମିଳିବ । ତାଙ୍କୁ ସରକାରୀ ବାସଭବନ ମିଳିବ । ଏଥିରେ ଅବସରପ୍ରାପ୍ତ ସିଜେଆଇ ନିଜ ପରିବାର ସହ ରହିପାରିବେ । ତାଙ୍କୁ ସୁରକ୍ଷା ଦେବା ପାଇଁ ସୁରକ୍ଷାକର୍ମୀ ରହିବେ । ଏହାବ୍ୟତୀତ ପେନ୍‌ସନ୍ ଏବଂ ସ୍ୱତନ୍ତ୍ର ଭତ୍ତା ମଧ୍ୟ ଅବସର ପରେ ଦିଆଯାଇଥାଏ । ପେନସନ୍ ଭାବରେ ୭୦ ହଜାର ଟଙ୍କା ମିଳିବ ଏବଂ ଅବସର ପରେ ତାଙ୍କୁ ସାରାଜୀବନ ଚାକର ଏବଂ ଡ୍ରାଇଭର ଦିଆଯିବ । ଏହାବ୍ୟତୀତ ତାଙ୍କୁ କିଛି ଅନ୍ୟାନ୍ୟ ଭତ୍ତା ମିଳିଥାଏ। ଯେପରକି ଡାକ୍ତରୀ ଭତ୍ତା, ଏହା ସାହାଯ୍ୟରେ ତାଙ୍କୁ ଯୋଗାଇ ଦିଆଯିବ ସ୍ୱାସ୍ଥ୍ୟ ସେବା । ଅବସର ପରେ ମଧ୍ୟ ଅନ୍ୟାନ୍ୟ ଆଇନଗତ ମାମଲାରେ ସୁପ୍ରିମକୋର୍ଟଙ୍କୁ ସହାୟତା ଏବଂ ପରାମର୍ଶ ଦେବାର ଅଧିକାର ତାଙ୍କ ପାଖରେ ରହିଥାଏ । ଅବସର ପରେ ସିଜେଆଇଙ୍କୁ ସୁପ୍ରିମକୋର୍ଟଙ୍କ ଠାରୁ ଆଇନଗତ ପରାମର୍ଶ ଏବଂ ଅନ୍ୟାନ୍ୟ ସୁବିଧା ମିଳିଥାଏ । କିଛି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସିଜେଆଇଙ୍କୁ ପରାମର୍ଶ ଦେବାର ଅଧିକାର ରହିଥାଏ । ଅନେକ ସମୟରେ ଉଚ୍ଚ ନ୍ୟାୟାଳୟ କିମ୍ବା ଅନ୍ୟାନ୍ୟ ନ୍ୟାୟିକ ପ୍ରସଙ୍ଗରେ ବିଶେଷଜ୍ଞ ଭାବରେ କାର୍ଯ୍ୟ କରିବାକୁ ସେମାନଙ୍କୁ ଡକାଯାଇଥାଏ । ଯଦିଓ ଅବସର ପରେ ସେମାନେ ସାଧାରଣ ନାଗରିକଙ୍କ ସହ ସମାନ କିନ୍ତୁ ସେମାନଙ୍କର ଅଭିଜ୍ଞତା କୋର୍ଟ କାମରେ ସହାୟ ହୋଇଥାଏ । ଭାରତରେ ପ୍ରଧାନ ବିଚାରପତିଙ୍କ ଅବସର ପାଇଁ ଏକ ସ୍ୱଷ୍ଟ ଏବଂ ନିର୍ଦ୍ଦିଷ୍ଟ ନିୟମ ରହିଛି । ଭାରତୀୟ ସମ୍ବିଧାନର ଧାରା ୧୨୪ ଅନୁଯାୟୀ, ସିଜେଆଇଙ୍କ କାର୍ଯ୍ୟକାଳ ୬୦ ବର୍ଷ ରହିଛି । ଅବସର ସମୟରେ ସିଜେଆଇ ପେନସନ୍ ଓ ଅନ୍ୟାନ୍ୟ ସୁବିଧା ପାଇଥାନ୍ତି । ଏହି ସୁବିଧା ପାଇଁ ତାଙ୍କୁ ଅଲଗା ଭାବେ ଆବେଦନ କରିବାର ଆବଶ୍ୟକତା ନଥାଏ ବୋଲି ସୂଚନା ମିଳିଛି।

### ପ୍ଲାଷ୍ଟିକ ଜିନିଷ ବିକ୍ରି ଆଳରେ ପିଲା ଚୋରି

# ୨ଜଣଙ୍କୁ ବାନ୍ଧି ପିଟିବା ସହ ପୋଲିସ ଜିମା ଦେଲେ ଲୋକେ

**ପଟ୍ଟାମୁଣ୍ଡାଇ ୧୧/୧୧ ନ୍ୟୁଜ ବ୍ୟୁରୋ**

ପ୍ଲାଷ୍ଟିକ ଡବା ବିକ୍ରି ଆଳରେ କରୁଥିଲେ ପିଲା ଚୋରି । ୨ଚୋରଙ୍କୁ ନିର୍ଘୁମ ଛେଚି କାବୁ କଲେ ଗାଁ ଲୋକ । ପଟ୍ଟାମୁଣ୍ଡାଇ ବ୍ଲକ ଶାସନ ଛକରେ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଲୋକେ ଅଟକ ରଖିଥିଲେ। ଉଭୟ ନିମପୁର ଶାସନ ଗାଁକୁ ପ୍ଲାଷ୍ଟିକ ଡବା ବିକ୍ରି କରିବାକୁ ଆସିଥିଲେ । ସେଠାରେ ନିଛାଟିଆର ସୁଯୋଗ ନେଇ ଗାଁର ଅରୁଣ ମଲିକଙ୍କ ୬ ବର୍ଷର ପୁଅ ସାଇକୁ ଉଠାଇ ନେବାର ପ୍ଲାନ କରିଥିଲେ । ଗୋଟିଏ ବଡ ପ୍ଲାଷ୍ଟିକ ଡ୍ରମରେ ସାଇକୁ ପୁରାଇ ନେବାକୁ ଚେଷ୍ଟା କରୁଥିଲେ । ସେଠାରେ ଆଉ ଜଣେ ପିଲା ଦେଖି ପାଟି କରି ଗାଁ ଲୋକଙ୍କୁ ଡାକି ଦେଇଥିଲା । ସବୁ ଲୋକ ଏକାଠି ହୋଇ ୨ ପିଲା ଚୋରଙ୍କୁ ଧରି ନିର୍ଘୁମ ପିଟିବା ସହ ପଞ୍ଚାୟତ ଗୃହରେ ଅଟକ ରଖିଥିଲେ । ପିଲାଟିକୁ ଡ୍ରମରୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ୨ ପିଲା ଚୋରକୁ ହେପାଜତକୁ ନେଇଥିଲା । ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା । ଉତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କୁ ଆକ୍ରମଣ କରିବା ସହ ପୋଲିସ ଗାଡିକୁ ବାଡେଇ ବିରୋଧ କରିଥିଲେ । ଅଭିଯୁକ୍ତଙ୍କୁ ପଚରାଉଚରା ପରେ ପ୍ରକୃତ କଥା ସାମ୍ନାକୁ ଆସିବ।

# ଉତ୍କଳମଣିଙ୍କ ନାତୁଣୀବୋହୂ ଲୀଳାବତୀ ଦେବୀଙ୍କ ପରଲୋକ

**ଭୁବନେଶ୍ୱର, ୧୧/୧୧ ନ୍ୟୁଜ ବ୍ୟୁରୋ**



ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ନାତି (ସାନ ଝିଅ କୀର୍ତ୍ତିମୟୀ ଦେବୀଙ୍କର ବଡ ପୁଅ )ଓଡ଼ିଶାର ବିଶିଷ୍ଟ ଦାର୍ଶନିକ, ଶିକ୍ଷାବିତ୍, ଅନୁଗୁଳ, ପୁରୀ ଏସ.ସି.ଏସ ଏବଂ ମୟୁରଭଞ୍ଜ ଏମପିସି କଲେଜର ପୂର୍ବତନ ଅଧ୍ୟକ୍ଷ, ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପଟ୍ଟଶିଷ୍ୟ ଏବଂ ବାନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ପୂର୍ବତନ ସଭାପତି ସାହିତ୍ୟିକ ଡ଼କ୍ଟର ସ୍ୱର୍ଗତଃ ସତ୍ୟବାଦୀ ମିଶ୍ରଙ୍କର ଧର୍ମପତ୍ନୀ ଲିଳାବତୀ ଦେବୀଙ୍କର ଗତ ୭ ତାରିଖ ରାତ୍ରୀ ସମୟରେ ଭୁବନେଶ୍ୱରରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା ଏବଂ ସେ ଚଳନକ୍ଷମ ଥିଲେ। । ୧୯୯୦ ମସିହାରେ ତାଙ୍କର ସ୍ୱାମୀ ଡ଼କ୍ଟର ସତ୍ୟବାଦୀ ମିଶ୍ରଙ୍କର ଦେହାନ୍ତ ହୋଇଯାଇଥିଲା। ତାଙ୍କର ୫ ଝିଅ ଏବଂ ୨ ପୁଅ ଅଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସମସ୍ତ ପୁଅ ବୋହୂ, ଝିଅ ଜ୍ୱାଇଁ ଏବଂ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ସେ ଜଣେ ଅମାଇକ, ମିଷ୍ଟଭାଷୀ, ସମାଜସେବୀ ଏବଂ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମର ଶରୀରକୁ ଦର୍ଶନ କରି ଶୋକ ବ୍ୟକ୍ତ କରିଥିବା ଜଣାପଡିଛି।




# ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଭିମ୍ସାରରେ ୨୦୨୨ରୁ ଅଟକିଛି ୫୧୨ ଶବ ବ୍ୟବଚ୍ଛେଦ ରିପୋର୍ଟ

**ବୁର୍ଲା, ୧୧/୧୧ ନ୍ୟୁଜ ବ୍ୟୁରୋ**

ଭିମ୍ସାର ମେଡିକାଲରେ ବର୍ଷ ବର୍ଷ ଧରି ପଡ଼ି ରହୁଛି ଶବ ବ୍ୟବଚ୍ଛେଦ ରିପୋର୍ଟ । ଦୁଇ ବର୍ଷରୁ ଅଧିକ କାଳ ହେଲା ୫୦୦ରୁ ଅଧିକ ବ୍ୟବଚ୍ଛେଦ ରିପୋର୍ଟ ଡାକ୍ତରଖାନା କର୍ତ୍ତୃପକ୍ଷ ଅଟକାଇ ରଖିଛନ୍ତି । କାହିଁକି ଅଟକାଇ ରଖିଛନ୍ତି ତାହା କାହାକୁ ଜଣାନାହିଁ । ଭିମ୍ସାର ପ୍ରଶାସନ ଜାଣିଶୁଣି ଏଭଳି ବିଳମ୍ବ କରି ଚାଲିଛନ୍ତି ନା ଚରମ ଅବହେଳା, ତାହା ଏବେ ଚର୍ଚ୍ଚା ପରିସରରେ ରହିଛି । ଏପରି କି ଏନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାର ମଧ୍ୟ ଭିମ୍ସାର ଉପରେ ଖପ୍ପା । ଏଣେ ଆତ୍ମୀୟଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଭିମ୍ସାର ଧାଇଁ ଧାଇଁ ନୟାନ୍ତ ହେଲେଣି ଅନେକ ପରିବାର । ଠିକଣା ସମୟରେ ବ୍ୟବଚ୍ଛେଦ ରିପୋର୍ଟ ନ ପାଇ ମୃତକଙ୍କ ସମ୍ପର୍କୀୟମାନେ ମୃତ୍ୟୁ ପ୍ରମାଣପତ୍ର ପାଇପାରୁ ନାହାନ୍ତି, ଯାହା ମୃତ୍ୟୁ ପରବର୍ତ୍ତୀ ବିଭିନ୍ନ ସରକାରୀ କାମରେ ବାଧକ ସାଜୁଛି । ପ୍ରକାଶ ଯେ, ଭିମ୍ସାର ମେଡିକାଲରେ ଅପମୃତ୍ୟୁ,




ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ଶବ ବ୍ୟବଚ୍ଛେଦ କରାଯାଏ । ଏଫ୍‌ଏମ୍‌ଟି ବିଭାଗ ଡାକ୍ତରମାନେ ଶବ ବ୍ୟବଚ୍ଛେଦ କରି କିଛି ଦିନ ମଧ୍ୟରେ ରିପୋର୍ଟ ମାମଲା ଦାଏର ହୋଇଥିବା ସମ୍ପୃକ୍ତ ଥାନାକୁ ଦେଇଥାନ୍ତି । ପରେ ତାହା ମୃତକଙ୍କ ସମ୍ପର୍କୀୟଙ୍କ ପାଖକୁ ଯାଇଥାଏ । ମାତ୍ର ବୁର୍ଲା ମେଡିକାଲ ପୁଲିସ ଫାଣ୍ଡି ଅଧୀନରେ ୨୦୨୨ ଜାନୁଆରୀରୁ ୨୦୨୪ ନଭେମ୍ବର ୮ତାରିଖ ମଧ୍ୟରେ ହୋଇଥିବା ଅପମୃତ୍ୟୁ ମାମଲା, ଦୁର୍ଘଟଣା ମୃତ୍ୟୁ ମାମଲାରେ ୫୧୨ ଜଣଙ୍କ ରିପୋର୍ଟ ପୁଲିସର ହସ୍ତଗତ ହୋଇନାହିଁ । ସେଥିରେ ୨୦୨୨ ମସିହାର ୧୦୪ଟି, ୨୦୨୩ର ୧୦୫ଟି ଏବଂ ଚଳିତ ବର୍ଷ ଅର୍ଥାତ୍ ୨୦୨୪ ନଭେମ୍ବର ୮ ତାରିଖ ଯାଏ ୩୦୩ ମାମଲା ରହିଛି । ସବୁତକ ଏଫ୍‌ଏମ୍‌ଟି ବିଭାଗରେ ପଡ଼ି ରହିଥିବା ପୁଲିସ କହୁଛି । ତେବେ ଏଫ୍‌ଏମ୍‌ଟି ବିଭାଗ କାହିଁକି ଅଟକାଇ ରଖିଛି ତା'ର ଉତ୍ତର କାହା ପାଖରେ ନାହିଁ । ବ୍ୟବଚ୍ଛେଦ ରିପୋର୍ଟ ନ ଆସିବାରୁ ଉପରୋକ୍ତ ସବୁତକ ମୃତ୍ୟୁର କାରଣ ଏବେ ବି ରହସ୍ୟ ଘେରରେ ରହିଛି । କାହାର କେଉଁ ସମୟରେ, କେଉଁ କାରଣରୁ ମୃତ୍ୟୁ ହେଲା ସେ ବିଷୟରେ ନା ମୃତକଙ୍କ ପରିବାର ଲୋକ ଜାଣିପାରୁଛନ୍ତି ନା ତଦନ୍ତକାରୀ ବିଭାଗ ଜାଣିପାରୁଛି । ପଡ଼ି ରହିଥିବା ୫୧୨ଟି ମାମଲାରୁ ଯଦି କିଛି ହତ୍ୟା, ଆତ୍ମହତ୍ୟା କି ତଦନ୍ତ ସାପେକ୍ଷ ମାମଲା ଥାଏ, ତେବେ ତଦନ୍ତ ପ୍ରକ୍ରିୟା କିଭଳି ଆଗେଇ ପାରିବ ତାହା ସହଜେ ଅନୁମେୟ । ମାମଲା ପଡ଼ି ରହିଥିବାରୁ ପୁଲିସ ବି ହାତ ବାନ୍ଧି ବସିରହିଛି । ଅନ୍ୟପକ୍ଷେ ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ ଯଦି ଏସ୍‌ଏମ୍‌ସିରେ ମୃତ୍ୟୁ ଦିନର ଏକମାସରୁ ଅଧିକ ସମୟ ମଧ୍ୟ ଜମା କରା ନଯାଏ ତା'ହେଲେ ମୃତ୍ୟୁ ପ୍ରମାଣ ପତ୍ର ଆବେଦନରେ ମଧ୍ୟ ବିଳମ୍ବ ହୋଇଥାଏ । ଏଭଳି ବିଳମ୍ବ ଯୋଗୁଁ ଅନେକ ମୃତକଙ୍କ ପରିବାର ରିପୋର୍ଟ ପାଇଁ ଭିମ୍ସାର ଦୌଡ଼ି ଦୌଡି ନୟାନ୍ତ ହେଉଥିବା ବେଳେ ରିପୋର୍ଟ ବିଳମ୍ବ ଯୋଗୁଁ ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି, ସମ୍ପତ୍ତି ଭାଗବଣ୍ଟା ହୋଇପାରୁ ନାହିଁ, ବିଭିନ୍ନ ଆଇନଗତ ପ୍ରକ୍ରିୟାରେ ବି ବାଧକ ସାଜୁଛି । ପ୍ରକାଶ ଯେ, ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନାଞ୍ଚଳର ଜାନୁଆରୀ ମାସର ଏକ ବ୍ୟବଚ୍ଛେଦ ରିପୋର୍ଟ ପରିବାର ଲୋକେ ନପାଇବା ଘଟଣା ଦୁଇଦିନ ତଳେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜ୍ୟ ସରକାର ଏହାକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ । ତୁରନ୍ତ ଅଭିଯୋଗର ରିପୋର୍ଟ ଦାଖଲ କରିବାକୁ ଜିଲ୍ଲା ପ୍ରଶାସନ ଭିମ୍ସାର କର୍ତ୍ତୃପକ୍ଷଙ୍କୁ ନୋଟିସ୍ କରିଥିଲେ । ତେବେ କିଭଳି ମୃତ୍ୟୁର ସାତଦିନ ମଧ୍ୟରେ ମୃତକଙ୍କ ପରିବାରକୁ ବ୍ୟବଚ୍ଛେଦ ରିପୋର୍ଟ ମିଳିପାରିବ ସେ ଦିଗରେ ଭିମ୍ସାର କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଜୋର ଧରିଛି । ଏନେଇ ଭିମ୍ସାର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଭାବଗ୍ରାହୀ ରଥଙ୍କୁ ପଚାରିବାରୁ କିଛି କାଗଜପତ୍ରରେ ସମସ୍ୟା ଯୋଗୁଁ ରିପୋର୍ଟ ପ୍ରସ୍ତୁତ କରିବାରେ ବିଳମ୍ବ ହେଉଥିଲା ଏବଂ କିଭଳି ଲୋକଙ୍କୁ ରିପୋର୍ଟ ଯଥାଶୀଘ୍ର ମିଳିବ ଆମେ ସେ ଦିଗରେ ପଦକ୍ଷେପ ନେଉଛୁ ବୋଲି ସେ କହିଥିଲେ।